## ଅତର ବ୍ୟବସାୟୀଙ୍କୁ ଠକେଇ

# ନକଲି ଅତର ଦେଇ ଠକିଦେଲେ ୧.୭୧ କୋଟି

ଛତ୍ରପୁର,୨୨।୬(ସମିସ)

ଅତି ଚତୁରତା ସହ ଫିଲ୍ମି ଷ୍ଟାଇଲରେ ହୋଇଛି କିଆ ଅତର ଠକେଇ । ଲକ୍ଷ କି ଦୁଇ ଲକ୍ଷ ନୁହେଁ ଏକାଥରକେ ପାଖାପାଖି ଦୁଇ କୋଟି ଟଙ୍କାର ଅତର ଠକେଇ ହୋଇଛି । ଏହି ଠକେଇର ଶିକାର ହୋଇଛନ୍ତି ଚମାଖଣ୍ଡି ଥାନା ଅଧିନ ବଡ଼ପୁଟି ଗ୍ରାମର ଜି.ସୁନିଲ । ଅସଲି ଅତର ନେଇ ନକଲି ଅତର ଦେଇଥିଲେ। ପରେ ସେ ଠକେଇ ର ଶିକାର ହୋଇଥିବା ଜାଣିବା ପରେ ଚଳିତ ମାସ ୯ ତାରିଖରେ ଚମାଖଣ୍ଡି ଥାନାରେ ଏତଲା ଦେଇଥିଲେ। ଘଟଣାଟି ଭୁବନେଶ୍ୱର ବରଗଡ ଅଞ୍ଚଳରେ ଘଟିଥିବାରୁ ଚମାଖଣ୍ଡି ପୁଲିସ ଜିରୋ ଏତାଲା କରି ସେଠାକୁ ପଠାଇଥିଲେ। ପରେ ବ୍ୟବସାୟୀ ଜଣକ ବରଗଡ ଥାନାକୁ ଯାଇ ଘଟଣା ସଂପର୍କରେ ଅବଗତ କରାଇଥିଲେ। ଏବେ ତଦନ୍ତ ଜାରି ରହିଛି । ସୂଚନା ଥାଉକି ବଡ଼ପୁଟି ଗ୍ରାମର ଜି.କର୍ଲେୟାଙ୍କ ପୁଅ ଜି.ସୁନିଲ କିଆଫୁଲ ଭାଟି ରହିଛି । ବିଭିନ୍ନ ଅଞ୍ଚଳରୁ କିଆ ଫୁଲ ଚାଷୀମାନେ ତାଙ୍କୁ ଫୁଲ ଦେଇଥାନ୍ତି ଏବଂ ସେ ଏହି ଫୁଲର ଅତର ବାହାର କରିଥାନ୍ତି। ୨୦୨୫/୨୬ ବର୍ଷରେ ସୁନିଲ ୨୪ କେଜି ୫ଶହ ଗ୍ରାମ ଅତର ବାହାର କରିଥିଲେ। ଯାହାର ବଜାରର ମୂଲ୍ୟ ୧ କୋଟି ୭୧ ଲକ୍ଷ ୫୦ ହଜାର ଟଙ୍କା ହେବ। ସେ ରଖିଥିବା ଅତରକୁ କିଣିବା ପାଇଁ ଆଲୋକ ଅବସ୍ଥି ବୋଲି ଜଣେ ବ୍ୟବସାୟୀ ଗ୍ରାମକୁ ଆସିଥିଲେ। ସମସ୍ତ ମାଲ ଓଜନ କରିବା ପରେ ସିଲ କରିଥିଲା। ତାର ତିନି ଦିନ ପରେ ଅନ୍ୟ ଜଣେ ବ୍ୟକ୍ତି ନିଜକୁ ଅତର ବ୍ୟବସାୟୀ କହି ଫୋନ କରିଥିଲା। ଅତରର ଟେଷ୍ଟ ରିପୋର୍ଟ ପଠାଇବାକୁ କହିଲା ଏବଂ ସୁନିଲ ରାଜି ହୋଇ ପଠାଇଥିଲା। ପରେ ୧୮ ମେ କଟକ-ପୁରୀ ରୋଡ ସାଇ ମନ୍ଦିର ଛକ ବରଗଡ ନିକଟସ୍ଥ ଏକ ହୋଟେଲକୁ ମାଲ ନେଇ ଆସିବାକୁ କହିଥିଲା। ଦୁଇ ଜଣ ବ୍ୟକ୍ତିଙ୍କ ସହ ସେଠାରେ ପହଞ୍ଚିଥିଲେ ସୁନିଲ। ସେଠାରେ ଥିବା ବ୍ୟକ୍ତି ଜଣକ ଏକ ଆଲମିରାରୁ ୧୦ କେଜି କେନ ୨ଟି ଓ ୫ କେଜି କେନ ଗୋଟେ ଆଣି ମୁଁ ନେଇଥିବା ଅତରକୁ ଢାଳିବା ପାଇଁ କହିଥିଲା। ଉକ୍ତ ରୁମରେ ଉକ୍ତ ବ୍ୟକ୍ତି ସହ ଅନ୍ୟ ୪ଜଣ ମଧ୍ୟ ଉପସ୍ଥିତ ଥିଲେ। ପରେ ତାର ଲୋକ ଜରିଆରେ ଗୋଟେ କୋଣକୁ ନେଇ ଅତର ସିଲ କରିଥିଲା। ପରେ ସେ ତୁମ ଅତର ନେଇଯାଅ ମୁଁ କିଛି ଦିନ ମଧ୍ୟରେ ପୁଣି ଡାକିବି ଏବଂ କିଣିବି କହିଥିଲା। ପରେ ସିଲ ଥିବା ତିନୋଟି କେନକୁ ଧରି ଗ୍ରାମକୁ ଫେରିଥିଲି। ଘଟଣା ଘଟିବାର ଦୁଇ ଦିନ ପରେ ପ୍ରଥମ ବ୍ୟବସାୟୀ ଆଲୋକ ଅବସ୍ଥା ଆସି ଅତର ଦେବାପାଇଁ କହିଲା। ମୁଁ ୧ ଲକ୍ଷ ଅଧିକ ଯୋଗୁଁ ଅନ୍ୟ ଜଣକୁ ବିକ୍ରି କରିଦେଇଛି ବୋଲି କହିବାରୁ ମୋ ସହ ଝଗଡା ସହ ଆମ ସଂଘକୁ କହିଥିଲା। ଶେଷରେ ବାଧ୍ୟ ହୋଇ ରାଜି ହେବା ସହ ସିଲ ଥିବା ଅତରକୁ ଆଲୋକ ଅବସ୍ଥା ସିଲ କାଟି ଟେଷ୍ଟ କରିବା ପରେ ତାହା ଅତର ନୁହେଁ ଖାଲି କେମିକାଲ ଅଛି ବୋଲି କହିଥିଲା। ପରେ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ବହୁ ଚାଷୀ ତାଙ୍କୁ ଫୁଲ ଦେଇ ଏବେ ଟଙ୍କା ପାଇଁ ଜଗି ରହିଥିବା ବେଳେ ଚିନ୍ତାରେ ସୁନିଲ। ଏବେ ତାଙ୍କ ଭାଟି ବନ୍ଦ ହୋଇ ରହିଛି। ଯେଉଁ ନମ୍ବରରୁ ଫୋନ ଆସିଥିଲା ତାହା ଏବେ ଲାଗୁନାହିଁ ବୋଲି ସୁନିଲ କହିଛନ୍ତି। ତେବେ ଏହି ଘଟଣାଟି ସତ୍ୟତା ରହିଛି କି ନା ସେ ଚାଷୀଙ୍କୁ ଟଙ୍କା ନଦେବା ପାଇଁ ଏକ କାହାଣି କହୁଛନ୍ତି ତାହା ତଦନ୍ତ ସାପେକ୍ଷ । ଘଟଣା ଘଟିବାର ୧୯ ଦିନ ପରେ ଥାନାରେ ଜଣାଇଲେ କାହିଁକି। ବଡ଼ଗଡ ଥାନକୁ ଥରେ ମାତ୍ର ଯାଇ ଚୁପ ବସିଛନ୍ତି ସୁନିଲ। ଏନେଇ ସୁନିଲକୁ ପଚାରିବାରେ ସେ ଦୁଇ ଦିନ ମଧ୍ୟରେ ପୁଣି ଥାନାକୁ ପୁଣି ଯିବି, ଯେଉଁ ଚାଷୀଙ୍କ ଟଙ୍କା ବାକି ରହିଛି ସେ ଜମି ବିକ୍ରି କରି ଫେରସ୍ତ କରିବି ଏବଂ ଘଟଣା ସମ୍ପର୍କରେ ସଂଘକୁ ମଧ୍ୟ ଅବଗତ କରିଛି ବୋଲି କହିଥିଲେ । ଘଟଣା ୧୮ ମେରେ ଘଟିଥିବାରୁ ଉକ୍ତ ହୋଟେଲର ସିସି ଟିଭି ଯାଂଚ ସହ ଯେଉଁ ନମ୍ବର ରେ ଫୋନ ଆସିଥିଲା ପୁଲିସ ତଦନ୍ତ କରିଲେ ସତ୍ୟାତା ଆଗକୁ ଆସିବ।



## କୋଦଳା କୋର୍ଟରେ ଅନ୍ତର୍ଜାତୀୟ ଯୋଗ ଦିବସ

ବେଗୁନିଆପଡ଼ା, ୨୨।୬(ସମିସ): ଅନ୍ତର୍ଜାତୀୟ ଯୋଗଦିବସ ଅବସରରେ କୋଦଳା ଅଦାଲତ ପରିସରରେ କୋଦଳା ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇ ଯାଇଛି । ଏଥିରେ ତାଲୁକ ଲିଗାଲ କମିଟି ସଭାପତି ତଥା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ବିଶ୍ୱରଞ୍ଜନ ବେହେରା, ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି ରେଖାରାଣୀ ପଣ୍ଡା ଓ ଯେଏମଏଫସି ବିଚାରପତି ଶୋଭନ କୁମାର ପଣ୍ଡା ଉପସ୍ଥିତ ରହି ଯୋଗାଭ୍ୟାସ କରିଥିବା ବେଳେ ବରିଷ୍ଠ ଆଇନଜୀବୀ ତଥା ଯୋଗଗୁରୁ ଗୌରହରି ବିଶୋଇ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ବ୍ରଜବନ୍ଧୁ ଦଳବେହେରାଙ୍କ ସମେତ ବହୁ ଆଇନଜୀବୀ, ସମସ୍ତ ଅଦାଲତ କର୍ମକର୍ତ୍ତା ଯୋଗଦେଇ ଯୋଗାଭ୍ୟାସ କରିଥିଲେ ।



## ଶେରଗଡ଼ରେ 'ବିକାଶ ଧାରା ଓଡ଼ିଶା ସାରା'



ଶେରଗଡ଼, ୨୨।୬(ସମିସ): ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ଏମଏସଏମଇ ବିଭାଗ ପକ୍ଷରୁ ବ୍ଲକ ପରିସରରେ ଶେରଗଡ ବିଡିଓ ମିସ ତୃପ୍ତିମୟୀ ଜେନାଙ୍କ ଅଧ୍ୟକ୍ଷତାରେ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥିରୂପେ ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଶିଶିର କୁମାର ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରିଣୀ ଅର୍ପିତା ପ୍ରିୟଦର୍ଶିନୀ ଯୋଗ ଦେଇ ଏମଏସଏମଇ ତଥା ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗରେ ରହିଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ପରାମର୍ଶ ଦେଇଥିଲେ । ଶେରଗଡ ଦକ୍ଷତା ବିକାଶ କେନ୍ଦ୍ରର ପ୍ରତିନିଧି ବିଭୂତି ଭୂଷଣ ସ୍ୱାଇଁ ଏବଂ ପରିଚାଳକ ବିକାଶ ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ସୋରଡ଼ା ଏନ୍ଏସି ପକ୍ଷରୁ ସହରାଞ୍ଚଳ ଜନସମ୍ପର୍କ

ସୋରଡ଼ା,୨୨।୬(ସମିସ): ସୋରଡ଼ା ବିଜ୍ଞାପିତ ଅଞ୍ଚଳ ପରିସଦର ସହରାଞ୍ଚଳ ଜନସମ୍ପର୍କ ଏବଂ ନାଗରିକ ଭାଗିଦାରୀ ବ୍ୟବସ୍ଥାର ସୁଦୃଢ଼ୀକରଣ ତଥା ଅଗ୍ରଗତି ଓ ସଚେତନତା ନିମନ୍ତେ ବିଜ୍ଞାପିତ ଅଞ୍ଚଳ ପରିଷଦର ସଭାଗୃହରେ ନିର୍ବାହୀ ଅଧିକାରୀ, ଅଧ୍ୟକ୍ଷ, ବିଭିନ କାଉନସିଲରମାନେ ଉପସ୍ଥିତ ରହି ଉଠାଦୋକାନୀଙ୍କ ସମସ୍ୟା ଓ ସୁବିଧା ଆଦି ବୁଝିଥିଲେ । ଏହି ସହରାଞ୍ଚଳର ଉଠା ଦୋକାନୀଙ୍କ ସୁପରିଚାଳନା ଓ ଏହାର ଅବସ୍ଥା ସମ୍ପର୍କରେ ଅତିଥିମାନେ ବୁଝିଥିଲେ । କାର୍ଯ୍ୟନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ସାହୁ ଅଂଶ ଗ୍ରହଣ କରିଥିବା ଦୋକାନୀଙ୍କ ସ୍ୱଚ୍ଛତା ଓ ପରିଷ୍କାର ପରିଚ୍ଛନ୍ନତା ନେଇ ଆଲୋଚନା କରିଥିଲେ। ଶ୍ରୀ ସାହୁ ସ୍ଥାନୀୟ ଲୋକଙ୍କୁ ନିଜ ଆଖପାଖ ପରିବେଶର ଜଳ ସ୍ୱଚ୍ଛତା ଉପରେ ଧ୍ୟାନଦେବା ପାଇଁ ଅନୁରୋଧ କରିବା ସହ ସୁନ୍ଦର ପରିବେଶ ସୃଷ୍ଟି କରିବା ପାଇଁ ଉପଦେଶ ଦେଇଥିଲେ। ଏଥିରେ ପିଏମ ସ୍ୱନିଧି ଯୋଜନାର ସମ୍ମନ୍ନୟ ଅଧିକାରୀ ସଂଯୋଜନା କରିଥିବା ବେଳେ ଏହି ଯୋଜନା ଦ୍ୱାରା ବ୍ୟାଙ୍କ ସଂଲଗ୍ନ ଋଣ ନେଇ ସଠିକ ସମୟରେ ପରିଶୋଧ ଓ ଇନ୍ସୁରାନ୍ସ ଆଦି ବ୍ୟବସ୍ଥା ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ ।ଏହି ପରିପ୍ରେକ୍ଷୀରେ ସୋରଡ଼ା ଏନ୍ଏସି ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା ଲକ୍ଷଲକ୍ଷ ଲୋକଙ୍କ ସେବାରେ ଥିବା ଉଠା ଦୋକାନୀ ଦ୍ୱାରା ଅଞ୍ଚଳର ବିକାଶ ଓ ସେମାନଙ୍କ ଦ୍ୱାରା ଏନ ଏ ସୀ ର ଅଂଶଧନ ଲାଭ ଓ ଋଣ ନେଇ ନିଜ ପ୍ରତିଷ୍ଠାନକୁ ବଢାଇଥିବା କିଛି ବ୍ୟକ୍ତିଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି ଅବସରରେ ଆଗନ୍ତୁକ ବର୍ଷା ଦିନର ଖାଦ୍ୟ ସୁରକ୍ଷା ଓ ସଠିକ ପରିଚାଳନା ପାଇଁ ବିଭିନ୍ନ ବ୍ୟବସ୍ଥା ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

## 'କାନ୍ଦନା ଲୁହ ସରିଯିବ' ମଞ୍ଚସ୍ଥ

ଧରାକୋଟ,୨୨।୬(ସମିସ): ଧରାକୋଟ ଗଡର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଅବସରରେ ପ୍ରିୟବ୍ରତ ହରିଚନ୍ଦନଙ୍କ ନିର୍ଦ୍ଦେଶନାରେ ସାମାଜିକ ନାଟକ କାନ୍ଦନା ଲୁହ ସରିଯିବ ମଞ୍ଚସ୍ଥ ହୋଇଯାଇଛି । ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ ଏହାକୁ ଉଦ୍ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ସମ୍ମାନୀତ ଅତିଥିଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ମୁଖ୍ୟବକ୍ତା ଭାବରେ ବ୍ଲକ ବିଜେଡି ସଭାପତି ସଞ୍ଜୟ ପାତ୍ର, ଅନ୍ୟତମ ଅତିଥି ଭାବରେ ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ ସ୍ୱାଇଁ,ସରପଞ୍ଚ ମାଧୁରୀ ସ୍ୱାଇଁ,ଯୋଗେନ୍ଦ୍ର ସ୍ୱାଇଁ, ପୁନିଆ ଦାସ, ସମାଜସେବୀ ଶ୍ରିମୟ ମହାପାତ୍ର, ଶିକ୍ଷାବିତ ବିମଳ ପ୍ରସାଦ ପଟ୍ଟନାୟକ , ପୂର୍ବତନ ସରପଞ୍ଚ ଦିଲିପ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ। ବିଷ୍ଣୁ କେଶରୀ ଆଚାର୍ଯ୍ୟ କାର୍ଯ୍ୟକ୍ରମ ରେ ସଂଯୋଜନା କରିଥିବାବେଳେ ନାଟକ ପରିଚାଳନାରେ ସୁନିଲ ଚନ୍ଦ୍ର ସ୍ୱାଇଁ, ସୋମନଥ ମହାନ୍ତି, କାଳୀ ଚରଣ ବାରିକ, ନବଘନ ଭଞ୍ଜ, ଶ୍ୟାମ ସୁନ୍ଦର ତ୍ରିପାଠୀ, ରବି ମହାପାତ୍ର, ବାପିନି ସ୍ୱାଇଁ, ଦିଲିପ ପ୍ରଧାନ, ଶିବରାମ ସ୍ୱାଇଁ, ମନୋଜ ଶତପଥୀ, ରାଜେନ୍ଦ୍ର ସ୍ୱାଇଁଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ ପ୍ରଦାନ କରିଥିଲେ ।



## ବାଇକ-ପିକ୍ଅପ୍ ଧକ୍କାରେ ୨ ଗୁରୁତର

- ଜଣଙ୍କର ଗୋଡ଼ ଛିଣ୍ଡି ଅଲଗା ହୋଇଗଲା

ଖଲ୍ଲିକୋଟ,୨୨।୬(ସମିସ): ଖଲ୍ଲିକୋଟ ନିକଟସ୍ଥ ସାନ ଘାଟି ଠାରେ ଆଜି ଅପରାହ୍ନ ରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଗୋଟିଏ ପିକଅପ ଗାଡି ବାଇକକୁ ଧକ୍କା ଦେବାରୁ ୨ ଯୁବକ ଗୁରୁତର ଆହତ ହୋଇଛନ୍ତି । ଦୁର୍ଘଟଣା ଏତେ ଭୟାବହ ଥିଲା ଯେ, ଜଣଙ୍କର ଗୋଡ଼ ଛିଣ୍ଡି ଯାଇ ଶରୀରରୁ



ସମ୍ପୂର୍ଣ୍ଣ ଅଲଗା ହୋଇଯାଇଛି। ଆହତମାନେ ହେଲେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଝରାପାଲି ଗ୍ରାମର ବିକାଶ ପ୍ରଧାନ ଓ ଜିତେନ୍ଦ୍ର ପ୍ରଧାନ ବୋଲି ଜଣାପଡିଛି । ବିକାଶ ଓ ଜିତେନ୍ଦ୍ର ବାଇକ ଯୋଗେ ୧୬ ନମ୍ବର ଜାତୀୟ ରାଜପଥରୁ ନିର୍ମଳଝର ଅଭିମୁଖେ ଆସୁଥିବା ବେଳେ ସାନଘାଟି ନିକଟସ୍ଥ ବାହୁଡୀପଲ୍ଲୀ ଠାରେ ଏକ ମହିନ୍ଦ୍ରା ପିକଅପ ଗାଡି ବାଇକକୁ ଧକ୍କା ଦେଇଥିଲା । ଧକ୍କା ଏତେ ଜୋର ଥିଲା ଯେ, ବାଇକ ଆରୋହୀ ବିକାଶର ଡାହାଣ ଗୋଡଟି ଛିଡି ଯାଇ ଶରୀର ରୁ ସମ୍ପୂର୍ଣ୍ଣ ଅଲଗା ହୋଇଯାଇଥିଲା । ଜିତେନ୍ଦ୍ରର ଶରୀରର ବିଭିନ୍ନ ସ୍ଥାନରେ କ୍ଷତବିକ୍ଷତ ହୋଇଥିବା ଦେଖିବାକୁ ମିଳିଛି ।ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ଏଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ଏମ କେ ସି ଜି କୁ ସ୍ଥାନାନ୍ତର କରାଯାଇଛି ।

## ସରିଲା ଖରାଛୁଟି; ବାଜିଲା ସ୍କୁଲ ଘଣ୍ଟି

ଶେରଗଡ଼,୨୨।୬(ସମିସ): ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଗତ ଅପ୍ରେଲ ୨୧ ତାରିଖ ଠାରୁ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ୬୦ ଦିନ ବନ୍ଦ ରହିବା ପରେ ସୋମବାର ଠାରୁ ସ୍କୁଲ ଖୋଲିଛି । ଗ୍ରୀଷ୍ମର ପ୍ରକୋପ ହ୍ରାସ ପାଇଥିବା ବେଳେ ଗ୍ରୀଷ୍ମ ଛୁଟି ଅବକାଶ ପରେ ଖରାଛୁଟି ଶେଷ ହୋଇଛି । ସ୍କୁଲ ଖୋଲିବାର ପ୍ରଥମ ଦିନ ରେ ପ୍ରଧାନ ଶିକ୍ଷକ ମାନେ ନିଜ ବିଦ୍ୟାଳୟର ଅନ୍ୟ ଶିକ୍ଷକ ମାନଙ୍କ ସହ ବୈଠକ କରି ପାଠ୍ୟ ଖସଡା ପ୍ରସ୍ତୁତ କରିଛନ୍ତି । ପିଲାଙ୍କ ପାଠପଢା ଯେଭଳି ସ୍ୱାଭାବିକ ହେବ ଏବଂ ୨୦୨୬-୨୭ ଶିକ୍ଷା ବର୍ଷ ଠିକ ଭାବେ ପରିଚାଳିତ ହେବ, ତାହାକୁ ଦୃଷ୍ଟିରେ ରଖି ଶେରଗଡ ବିଇଓ ଲକ୍ଷ୍ମୀ ନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ଏବିଇଓ ଶ୍ରୀମତି ଶୈଳେନ୍ଦ୍ରୀ ଦଳେଇ ଦିବାକର ଗମାଙ୍ଗୋ ବ୍ଲକର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଥିଲେ ।

## ମାଟ୍ରିକ ବ୍ଲକ୍ ଟପରଙ୍କୁ ସମ୍ବର୍ଦ୍ଧନା ଉତ୍ସବ

ସାନଖେମୁଣ୍ଡି ୨୨/୦୬(ସମିସ) : ସାନଖେମୁଣ୍ଡି ବ୍ଲକ ମୌଳାଭଞ୍ଜା ପଞ୍ଚାୟତ ଖୋଲଡି ପ୍ରକଳ୍ପ ଉପ୍ରା ବିଦ୍ୟାଳୟରେ ମାଟ୍ରିକ ବ୍ଲକ ଟପରଙ୍କୁ ସମ୍ବର୍ଦ୍ଧନା ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରିତାଞ୍ଜଳି ରଥ, ସିଆରସିସି ଡ଼ି. ମୁକେଶ ପାତ୍ର, ସରପଞ୍ଚ ବର୍ଷା ସେଠୀ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅନିଲ ରଥ, ଏସଏମ୍ସି ସଭାପତି ଜେ.ମୁନା ଦୋରା ପ୍ରମୁଖ ଉପସ୍ଥିତ ରହି ଉକ୍ତ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ସଫଳତାର ସହ ହାସଲ କରି ଦଶମ ଶ୍ରେଣୀରେ ବ୍ଲକ ଟପର ହୋଇଥିବା ଖୋଲଡି ଗ୍ରାମର ବାବୁଲା ସାହୁଙ୍କ ଝିଅ ଇସିତା ସାହୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରଯାଇଛି । ସାନଖେମୁଣ୍ଡି ବ୍ଲକ ସିଙ୍ଗିପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସିଙ୍ଗିପୁର ଇସିତା ସାହୁ ୫୪୮ ମାର୍କ ରଖି ବ୍ଲକର ଟପର ହୋଇଛନ୍ତି । ଅତିଥିମାନଙ୍କ ଦ୍ୱାରା ମେଧାବୀ ଛାତ୍ରୀଙ୍କୁ ମାନପତ୍ର ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରଯାଇଛି । ଶିକ୍ଷା ହିଁ ଜୀବନର ପ୍ରକୃତ ସମ୍ବଳ । ଇସିତାଙ୍କ ଏହି ସଫଳତା ଅନ୍ୟ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ବଡ଼ ପ୍ରେରଣା । ଆଗାମୀ ଦିନରେ ସେ ଆହୁରି ଉଚ୍ଚତମ ଶିଖରରେ ପହଞ୍ଚି ସମାଜ ଓ ଦେଶର ସେବା କରନ୍ତୁ ବୋଲି ଅତିଥିମାନେ ନିଜର ଅଭିଭାଷଣରେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।



## କାର୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

ଭଞ୍ଜନଗର,୨୨।୬(ସମିସ): ଗଞ୍ଜାମ ଜିଲା ଭଞ୍ଜନଗର ଥାନା କୁଲାଡ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ସୋମବାର ଅପରାହ୍ଣରେ ଏକ ସ୍କୁଟି ସହ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ସ୍କୁଟି ଚାଳକ ଗୁରୁତର ଭାବେ ଆହତ ହୋଇଛନ୍ତି। ସଂପୃକ୍ତ ଅଞ୍ଚଳବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲ ରେ ଭର୍ତ୍ତି କରିଛନ୍ତି । ଆହତ ଯୁବକ ଜଣକ ହେଲେ ବେଲଗୁଣ୍ଠା ଥାନା ଅନ୍ତର୍ଗତ ବଲାଡି ଗ୍ରାମର ସାଗର ସ୍ୱାଇଁ । ଘଟଣାରୁ ପ୍ରକାଶ ଯେ, ସାଗର ଆଜି କୁଲାଡ ଅଭିମୁଖେ କୌଣସି କାମରେ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ କାର ସାଗରଙ୍କ ସ୍କୁଟିକୁ ଧକ୍କା ଲଗାଇଥିଲା। ଫଳରେ ସାଗର ଆହତ ହୋଇଥିଲେ ।

## ଦେଶୀ ପିସ୍ତଲ ସହ ଯୁବକ ଗିରଫ

ବୁଗୁଡ଼ା,୨୨।୬(ସମିସ): ବୁଗୁଡ଼ା ଥାନା ଭାମଶିଆଳି ଗ୍ରାମରେ ପୋଲିସ ରାତି ଅଧିଆ ଚଢ଼ାଉ କରି କାଳିଆ ସେଠୀକୁ ଗିରଫ କରି ତା' ନିକଟରୁ ଏକ ଦେଶୀ ପିସ୍ତଲ ଓ ୩ଟି ଜୀବନ୍ତ ଗୁଳି ଜବତ କରିଥିବା ଜଣାପଡିଛି । ଏକ ଡକାୟତି ମାମଲାରେ କାଳିଆ ଗିରଫ ହୋଇଛି । ଗତ ୧୯ ତାରିଖ ସନ୍ଧ୍ୟାରେ କବିସୂର୍ଯ୍ୟନଗର ଥାନା ବାଲିଛାଇ ଫାଣ୍ଡି ଗୋକୁଳପଲ୍ଲୀ ଗ୍ରାମରେ ଥିବା ରଜନୀକାନ୍ତ ମିଶ୍ରଙ୍କ ଫାର୍ମ ହାଉସରେ ସଶସ୍ତ୍ର ଡକାୟତି ହୋଇଥିଲା । ଏହି ଘଟଣାରେ କାଳିଆ ସମ୍ପୃକ୍ତ ଥିବା ନେଇ ପୋଲିସ ଜାଣିବା ପରେ ଏସଡିପିଓ ସୁଜିତ ନାୟକଙ୍କ ନେତୃତ୍ୱରେ ପୋଲିସ ରାତିଅଧିଆ ଚଢ଼ଉ କରିଥିଲା ।

## କୂଅରେ ପଡ଼ି ମହିଳା ମୃତ

ବୁଗୁଡ଼ା,୨୨।୬(ସମିସ): ବୁଗୁଡ଼ା ଥାନା ଅନ୍ତର୍ଗତ ନଗୁଡୁ ଗ୍ରାମରେ ଜନୈକା ମହିଳା କୂଅରେ ପଡି ମୃତ୍ୟୁ ବରଣ କରିଥିବା ଜଣାଯାଇଛି । ମୃତା ମହିଳା ଜଣକ ହେଲେ ବାସନ୍ତୀ ବେହେରା (୫୫) ।

ଘଟଣାରୁ ପ୍ରକାଶ ଯେ, ଆଜି ସକାଳ ପ୍ରାୟ ୫ଟାରେ ବାସନ୍ତୀ ତାଙ୍କର ଘରପାଖ କୂଅରୁ ପାଣି କାଢୁଥିବା ବେଳେ ଅସାବଧାନତା ବଶତଃ ସେଥିରେ ପଡିଯାଇଥିଲେ। ଏ ନେଇ ଖବର ପାଇବା ପରେ ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ କୁଅରୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଗୁଡା ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାଯାଇଛି ।

# ପଞ୍ଚାୟତସ୍ତରରେ ଜନ କଲ୍ୟାଣ ଶିବିର

ଧରାକୋଟ,୨୨।୬(ସମିସ): ଗତ ଦୁଇବର୍ଷ ମଧ୍ୟରେ ରାଜ୍ୟରେ ହୋଇଥିବା ବିକାଶକୁ ଲୋକଲୋଚନକୁ ଆଣିବାପାଇଁ ଧରାକୋଟ ବ୍ଲକର ୧୮ ଟି ପଞ୍ଚାୟତରେ ଜନ କଲ୍ୟାଣ ଶିବିର ବା ଓଡ଼ିଶା ସାରା ବିକାଶ ଧାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧରାକୋଟ ପଞ୍ଚାୟତରେ ସରପଞ୍ଚ ପୁନିଆ ଦାସ, ପୂର୍ବତନ ସରପଞ୍ଚ ଦିଲିପ ସ୍ୱାଇଁ, ପିଇଓ ଅଶୋକ ସେଠୀ, ଏଡିଇଓ ଦୁର୍ଗା ପ୍ରସାଦ ପଟ୍ଟନାୟକ, ଯୋଗାଣ ସହାୟକ ଗୋପାଳ ହରି ଗୌଡ଼ ପ୍ରମୁଖଙ୍କ ଉପସ୍ଥିତିରେ ଏହି ଶିବିର ଅନୁଷ୍ଠିତ ହୋଇଯାଇଛି। ସେହିପରି ବାହାରପୁର ପଞ୍ଚାୟତରେ ଅନୁଷ୍ଠିତ ଶିବିରରେ ସରପଞ୍ଚ ଗୀତାଞ୍ଜଳି ନାଇକ, ସମିତି ସଭ୍ୟା ସୁଜାତା ଜେନା, ପିଇଓ ଅମୂଲ୍ୟ ରାଉଳ, ଏଡିଇ ଓ ଲଳିତା ପାତ୍ର, ଯୋଗାଣ ସହାୟକ ସମିତା ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ରୁଗୁମୁ ପଞ୍ଚାୟତରେ ସରପଞ୍ଚ ଗୀତାଞ୍ଜଳି ସ୍ୱାଇଁ, ସମିତି ସଭ୍ୟ ବନବାସ ବେହେରା, ପୂର୍ବତନ ସରପଞ୍ଚ ସୁଧାକର ସ୍ୱାଇଁ, ପିଇଓ ଇସାକ ବେହେରା, ଏଡିଇଓ ବିଦେଶୀ ଗୌଡ ଉପସ୍ଥିତ ଥିଲେ । ଓଳମ୍ବା ପଞ୍ଚାୟତରେ ସରପଞ୍ଚ ସୁଧାକର ସ୍ୱାଇଁ, ସମିତି ସଭ୍ୟ କୃଷ୍ଣଚନ୍ଦ୍ର ଗୌଡ଼, ପିଇଓ ଅର୍ଚ୍ଚନା ପ୍ରଧାନ, ଏଡିଇଓ ବସନ୍ତ ସାହୁ ଶିବିର ପରିଚାଳନା କରିଥିଲେ । ଶିବିରରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ମଧୁବାବୁ ପେନସନ ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ସୁଭଦ୍ରା ଯୋଜନା, ପିଏମ ସ୍ୱନିଧି, ଲକ୍ଷପତି ଦିଦି, ପିଏମ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ବସୁନ୍ଧରା ଜଙ୍ଗଲ ଜମି ଅଧିକାର, ସି ଏମ କିଶାନ ସହ ଭିନ୍ନକ୍ଷମଙ୍କୁ ସହାୟତା ବଣ୍ଟନ କରାଯାଇଥିଲା । ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଡାକ୍ତର ଶଙ୍କର ନାରାୟଣ ବେହେରା ଓ ଏଏନଏମ ରୋଗ ନିରୂପଣ କରିଥିଲେ । ଶିବିରରେ ସମସ୍ତ ଜନ ପ୍ରତିନିଧି,ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ବ୍ୟାଙ୍କମିତ୍ରମାନେ ଉପସ୍ଥିତ ଥିଲେ ।



## ନିର୍ମାଣ କୌଶଳ ପ୍ରଶିକ୍ଷଣ ପ୍ରତିଷ୍ଠାନ ଉଦ୍ଘାଟିତ



କବିସୂର୍ଯ୍ୟନଗର,୨୨।୬(ସମିସ): କବିସୂର୍ଯ୍ୟନଗର ଗୁଡିଆଳି ଛକସ୍ଥିତ ବନଦେବୀ ଶିଳ୍ପ ତାଲିମ କେନ୍ଦ୍ରର ପୁରୁଣା ହଷ୍ଟେଲକୁ ନିର୍ମାଣ କୌଶଳ ପ୍ରଶିକ୍ଷଣ ପ୍ରତିଷ୍ଠାନ ନୂତନ ଭାବେ ଆଜି ଶୁଭ ଉଦଘାଟିତ ହୋଇଛି । ଏହାକୁ ଲାର୍ଶନ ଏଣ୍ଡ ଟୁର୍ବୋ ବୋର୍ଡ ଅଫ ଏଡ଼ଭାଇଜର ନିରଞ୍ଜନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା କନଷ୍ଟ୍ରାସନ ସ୍କିଲ ଓଡିଶା ମୁଖ୍ୟ ମନୋରଞ୍ଜନ ଗୋଛାୟତ, ସଂମାନିତ ଅତିଥି କଟକ କଣ୍ଷ୍ଟ୍ରାସନ ସ୍କିଲ ଅନୁଷ୍ଠାନ ର ଡେପୁଟି ପ୍ରିନ୍ସିପାଲ ଦେବାଶିଷ ମହାନ୍ତି, ବିଆଇଟିସି ସଭାପତି ଡା. ବସନ୍ତ କୁମାର ମିଶ୍ର, ସମ୍ପାଦକ ବି. କେ ସାହୁ, କୋଷାଧ୍ୟକ୍ଷ ରମାଶଙ୍କର ପାତ୍ର ଓ ବିଆଇଟିସିର କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରଭାସ ଚନ୍ଦ୍ର ନାହାକ ଥିଲେ। ଅନ୍ୟାନ୍ୟ ଅତିଥି ମଧ୍ୟରେ ବନଦେବୀ ସେବାସଦନର ପ୍ରତିଷ୍ଠାତା ସଦସ୍ୟ ଗୌରୀନାରାୟଣ ପାତ୍ର, ନିରଞ୍ଜନ ମହାପାତ୍ର, ସିହେଚ ଶିବରାମ, ନବଘନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ଦୀପପ୍ରଜ୍ୱଳନ ପରେ ଫିତା କାଟି ଏହାର ଶୁଭ ଉଦଘାଟନ କରିଥିଲେ ।ପ୍ରାରମ୍ଭିକ ଭାବେ ୩୪ ପିଲାଙ୍କୁ ଏଲ ଏଣ୍ଡ ଟି ତରଫରୁ କିଟ ପ୍ରଦାନ କରାଯାଇଛି ।

# ସୋରଡ଼ା ବ୍ଲକ୍‌ରେ ଯୁଗ୍ମ ଜନଶୁଣାଣି ଶିବିର

ସୋରଡ଼ା,୨୨।୬(ସମିସ)

ଏହି ବ୍ଲକକୁ ଗଞ୍ଜାମ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ରହିଥିଲା। ଏଣୁ ଆଜି ସୋରଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଚଳଚଞ୍ଚଳ ରହିଥିଲା। ଅନେକ ସମୟରେ ଅଫିସମାନଙ୍କୁ ନ୍ୟାୟ ଆଶାରେ ଦୌଡୁଥିବା ବେଳେ ଗୋଟିଏ ଦିନରେ ସମସ୍ତ ସମାଧାନ ଆଶାରେ ଜିଲ୍ଲା ପ୍ରଶାସନର କାର୍ଯ୍ୟରତ ସମସ୍ତ ଅଧିକାରୀଙ୍କ ଦୃଷ୍ଟି ଗୋଚର ପାଇଁ ୧୩୭ସଂଖ୍ୟକ ଆବେଦନ କରିଛନ୍ତି ଜନସାଧାରଣ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ କୀର୍ତ୍ତି ୱାସନ ଭି, ଗଞ୍ଜାମ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର ଜେନା, ପ୍ରୋବେଷନାରି ଆଇ ଏ ଏସ ସରନ୍ୟା ସର୍ବଣା , ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଆରକ୍ଷୀ ଅଧୀକ୍ଷକ ହରିଶ ବି.ସି, ମୋଟ ୧୩୭ଟି ଅଭିଯୋଗର ଶୁଣାଣୀ କରିଥିଲେ। ୩ଟି ଅଭିଯୋଗର ସମାଧାନ ଶିବିରରେ କରାଯାଇଥିବା ବେଳେ ଅନ୍ୟ ଅଭିଯୋଗର ତ୍ୱରିତ୍ ସମାଧାନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ରେଡକ୍ରସ୍ ପାଣ୍ଠିରୁ ୬ଜଣ ବ୍ୟକ୍ତି ଙ୍କୁ ଆର୍ଥିକ ସହାୟତା ୩୨,୫୦୦ ଟଙ୍କା, ୨ ଜଣ ଦିବ୍ୟାଙ୍ଗଙ୍କୁ ତିନି ଚକିଆ ସାଇକେଲ, ୨ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ଯୋଗାଇ ଦିଆଯାଇଥିଲା , ସ୍ଥାନୀୟ ଜନସାଧାରଣ ଶିକ୍ଷା,କୃଷି, ସ୍ୱାସ୍ଥ୍ୟ, ଭତ୍ତା, ଖାଦ୍ୟ ସୁରକ୍ଷା, ଗୃହ ନିର୍ମାଣ, ଜିବିକା ମିଶନ୍, ରାଜସ୍ୱ, ଜମିଜମା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। ଏହି ଶିବିରରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ଗୋଷ୍ଠି ଉନ୍ନୟନ ଅଧିକାରୀ ତନ୍ମୟ ପାତ୍ର, ତହସିଲଦାର ଗୋପାଳକୃଷ୍ଣ ରାଉତରାୟ, ଥାନାଧିକାରୀ ସୁନୀଲ କୁମାର ପ୍ରଧାନଙ୍କ ସହିତ ସମସ୍ତ ପ୍ରଶାସନ ତଥା ସରକାରୀ ଅଧିକାରୀ ଯଥା ଜିଲ୍ଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଗ୍ରାମ୍ୟ ଉର୍ଣ୍ଣୟନ, ଶିକ୍ଷା, ସମାଜ ମଙ୍ଗଳ, ଉଦ୍ୟାନ କୃଷି, ଉଠା ଜଳ ସେଚନ, କୃଷି, ମୃତ୍ତିକା ସଂରକ୍ଷଣ,ରାଜସ୍ୱ, ମହିଳା ଓ ଶିଶୁ ବିକାଶ ଆଦି ବିଭାଗର ଜିଲ୍ଲା ଅଧିକାରୀ ଗଣ ଉପସ୍ଥିତ ରହିଥିଲେ। ଏବଂ ସାମୁହିକ ୨୩ଟି ସମସ୍ୟା ରହିଥିବା ବେଳେ କିଛି ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀ ଗଣଙ୍କୁ କହିଛନ୍ତି। ସେହିଭଳି ୬ ଜଣଙ୍କୁ ରେଡ୍କ୍ରସ ପାଣ୍ଠିରୁ ଜରୁରୀ କାଳୀନ ଚିକିତ୍ସା ପାଇଁ ସତ ପ୍ରତିଶତ ଦିବ୍ୟଙ୍ଗ ହେତୁଜଣେ ହିତାଧିକାରୀଙ୍କୁ ୫ ହଜାର, ନମିତା ବିଷୋୟୀଙ୍କ କିଡ୍ନୀ ରୋଗରେ ପୀଡିତ ହେତୁ ୫ହଜାର, ଶିବ ଗୌଡ଼ଙ୍କୁ ୫ ହଜାର, ହୃଦ ରୋଗରେ ପୀଡ଼ିତା ରେଣୁ ବିଶ୍ୱାଳ ୧୦ ଓ ସୋମନାଥ ସାହୁ ବିଶେଷ ଭିଣ୍ନକ୍ଷମ ହେତୁ ୨୫ଶହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏଥିସହିତ ଅଞ୍ଚଳର ଅନେକ ଦିବ୍ୟଙ୍ଗ ଦିବ୍ୟଙ୍ଗ ପ୍ରମାଣପତ୍ର ପାଇଁ ଦୀର୍ଘ ଦିନହେବ ହ୍ରେ ନୟାନ୍ତ ହେବା ଓ ଶିକ୍ଷା ବିଭାଗର ସହରରେ ଥିବା ଦୁଇ ପ୍ରମୁଖ ପୁରାତନ ଦୁଇ ବିଦ୍ୟାଳୟକୁ ଯୋଡ଼ିବା ବିଷୟରେ ଉଡ଼ାଇଜ କୋଡ଼ ମୁତାବକ କାର୍ଯ୍ୟ କାରିତା ଓ ବିଦ୍ୟାର୍ଥୀଙ୍କ ସୁଲଭ ବିଷୟରେ ତୁରନ୍ତ ପଦକ୍ଷେପ ଓ ଅଞ୍ଚଳର ବିକାଶ ପାଇଁ କିଛି ନିର୍ବାଚିତ ପ୍ରତିନିଧି ସମିତି ବୈଠକ ହେଉ ନ ଥିବା ନେଇ ଅଞ୍ଚଳବାସୀ ନିବେଦନ କରିଛନ୍ତି। ଆଜିର ଏହି ଜନଶୁଣାଣୀରେ ଆବାସ, ଭତ୍ତା, ରାସନ ପାଇଁ ଅଧିକାଂଶ ଅଭିଯୋଗ ରହିଥିଲା। ଏଠାରେ ପ୍ରକାଶ ଥାଉକି ଏହି ଶୁଣାଣୀ ଶିବିର ପାଇଁ ଉପଯୁକ୍ତ ପ୍ରକୋଷ୍ଠ ନ ଥିବା ଯୋଗୁଁ ଅଧିକାରୀମାନେ ଏଣେତେଣେ ବସିବା ସହିତ ତୁରନ୍ତ ସନ୍ଧାନ ପାଇଁ ଅଭିଯୋଗକାରୀଙ୍କୁ ନକେଦମ ହେବାକୁ ପଡିଥିଲା।



**ବାଟବଣା 'ନିରାମୟ'**

# ଏମ୍‌କେସିଜି ଡିଡିସିରେ ମିଳୁନି ଅଧା ଔଷଧ

ବ୍ରହ୍ମପୁର,୨୨।୬(ସମିସ)




ସରକାରୀ ହସ୍ପିଟାଲକୁ ଆସୁଥିବା ରୋଗୀଙ୍କୁ 'ନିରାମୟ' ଯୋଜନାରେ ମାଗଣାରେ ଆବଶ୍ୟକ ଔଷଧ ଯୋଗାଇବାକୁ ରାଜ୍ୟ ସରକାରଙ୍କ ଏହା ମୂଳ ଉଦ୍ଦେଶ୍ୟ ରହିଥିଲା। କିନ୍ତୁ ଏମକେସିଜି ମେଡ଼ିକାଲ ପରିସରରେ ଥିବା 'ନିରାମୟ' ଔଷଧ ବିତରଣ କେନ୍ଦ୍ର(ଡ଼ିଡ଼ିସି)ରେ ଅଧିକାଂଶ ଔଷଧ ମିଳୁନଥିବା ରୋଗୀ ଅଭିଯୋଗ କରିଛନ୍ତି। ଏହି ଯୋଜନା ଅଧୀନରେ ରାଜ୍ୟ ସରକାର ମାଗଣାରେ ପ୍ରାୟ ୫୭୦ଟି ଅତ୍ୟାବଶ୍ୟକ ଔଷଧ ସମେତ ସ୍ୱାସ୍ଥ୍ୟସେବା ସାମଗ୍ରୀ ତାଲିକାଭୁକ୍ତ କରିଥିବା ଜଣାପଡ଼ିଛି। ସେଥି ମଧ୍ୟରେ ୩୧୨ଟି ସାଧାରଣ ଓ ଅତ୍ୟାବଶ୍ୟକୀୟ, ୧୦୭ଟି ପ୍ରକାରର କର୍କଟ ରୋଗ ପ୍ରତିରୋଧ ସମ୍ପର୍କୀତ ଔଷଧ, ୮୩ଟି ଅସ୍ତ୍ରୋପଚାର ସାମଗ୍ରୀ ଏବଂ ବ୍ୟବହାରଯୋଗ୍ୟ ଔଷଧ ଏବଂ ୨୧ଟି ଓଏସଓସିଲସ(ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମାଜ) ରୋଗୀଙ୍କ ନିମନ୍ତେ ଆବଶ୍ୟକ ଥିବା ଔଷଧର ରହିଛି। ଉକ୍ତ ସମସ୍ତ ଔଷଧ ଓଡ଼ିଶା ରାଜ୍ୟ ଔଷଧ ନିଗମ(ଓଏସଏମସିଏଲ) ପକ୍ଷରୁ ମେଡ଼ିକାଲକୁ ଯୋଗାଇ ଦିଆଯାଏ। ସମସ୍ତ ଔଷଧ ଏମକେସିଜି ମେଡ଼ିକାଲ ପରିସରରେ ଥିବା ଔଷଧ ଭଣ୍ଡାର ପକ୍ଷରୁ ଗ୍ରହଣ କରାଯାଇଥାଏ । ପରେ ଏକ ନିର୍ଦ୍ଦିଷ୍ଟ ପ୍ରକ୍ରିୟାରେ ସମସ୍ତ ଔଷଧକୁ ଡ଼ିଡ଼ିସି ଜରିଆରେ ଡ଼ାକ୍ତରଙ୍କ ପରାର୍ମଶ କ୍ରମେ ରୋଗୀଙ୍କୁ ପ୍ରଦାନ କରାଯାଇଥାଏ। କିନ୍ତୁ ଏମକେସିଜି ମେଡ଼ିକାଲ ଡ଼ିଡ଼ିସି କାଉଣ୍ଟରେ ମାତ୍ର ୧୫୦ରୁ ୧୭୦ଟି ଔଷଧ ଉପଲବ୍ଧ ରହିଥିବା ଜଣାପଡ଼ିଛି। ଫଳରେ ରୋଗୀ ଓ ତାଙ୍କ ପରିବାର ଲୋକଙ୍କୁ ଆବଶ୍ୟକ ମିଳୁନାହିଁ। ଏଭଳି କ୍ଷେତ୍ରରେ ରୋଗୀ ଓ ତାଙ୍କ ପରିବାର ଲୋକଙ୍କୁ ବାହାର ଔଷଧ ଦୋକାନରୁ ମହଙ୍ଗା ଦାମରେ ଔଷଧ କିଣିବାକୁ ପଡୁଛି। ସରକାରୀ ହସ୍ପିଟାଲରେ ମାଗଣା ଚିକିତ୍ସା ଆଶାରେ ଆସିଥିବା ରୋଗୀଙ୍କ କ୍ଷେତ୍ରରେ ଗୋଟିଏ ଥର ଚିକିତ୍ସା ପାଇଁ ୨ ହଜାରରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଔଷଧ ବାବଦରେ ଖର୍ଚ୍ଚ ହେଉଛି। ଏଥିରୁ ମାଗଣା ଚିକିତ୍ସାର ଉଦ୍ଦେଶ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଫଳରେ ସରକାରଙ୍କ ମାଗଣା ଚିକିତ୍ସା ଯୋଜନା କାଗଜ କଲମରେ ସୀମିତ ରହିଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ପ୍ରତି ଡ଼ିଡ଼ିସି କାଉଣ୍ଟରେ ଜଣେ ଲେଖାଏଁ ଇନଚାର୍ଜ ଫାର୍ମାସିଷ୍ଟ ରହିଥିବା ବେଳେ ସେମାନେ ସଠିକ ସମୟରେ କାଉଣ୍ଟରକୁ ଆସୁନଥିବା ବେଳେ ଫାର୍ମାସିଷ୍ଟମାନେ କାଉଣ୍ଟରେ ନିୟମିତ ରହୁନଥିବା ଅଭିଯୋଗ ହେଉଛି। ଏହା ଦ୍ୱାରା କେନ୍ଦ୍ରରେ ଉପଲବ୍ଧ ନଥିବା ଔଷଧ ଗୁଡ଼ିକ ସଠିକ ସମୟରେ ଷ୍ଟୋରରୁ ଆଣିବାକୁ ବ୍ୟବସ୍ଥା କରାଯାଉ ନାହିଁ। ବିଭିନ୍ନ ସମୟରେ ମେଡ଼ିକାଲ ଷ୍ଟୋରରେ ବହୁ ପ୍ରକାରର ଔଷଧ ରହିଥିବା ବେଳେ ଡ଼ିଡ଼ିସି କାଉଣ୍ଟରେ ତାହା ମିଳୁନଥିବା ନଜିର ରହିଛି। ମେଡ଼ିକାଲରେ ବର୍ତ୍ତମାନ ମୋଟ ୬ଟି ନିରାମୟ ଔଷଧ ବିତରଣ କେନ୍ଦ୍ର ରହିଛି। ଦିନକୁ ଦିନ ଔଷଧ କେନ୍ଦ୍ରରେ ଗୁଡ଼ିକରେ ରୋଗୀଙ୍କ ସଂଖ୍ୟ ବୃଦ୍ଧି ପାଉଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଆଉ ୨ଟି ଡ଼ିଡ଼ିସି ଖୋଲିବାକୁ ନିଷ୍ପତି ହୋଇଥିଲା। ଏଥି ନିମନ୍ତେ ସମସ୍ତ ବ୍ୟବସ୍ଥା ଥିବା ସତ୍ତ୍ୱେଓ ନିଷ୍ପତିକୁ ୩ମାସରୁ ଅଧିକ ସମୟ ବିତିଯାଇଥିବା ବେଳେ ଅତିରିକ୍ତ ଦୁଇ କାଉଣ୍ଟର ଖୋଲା ହୋଉନାହିଁ। ଫଳରେ

**କେବେ ଖୋଲିବ ପୂର୍ବ ନିଷ୍ପତ୍ତି ଦୁଇ କାଉଣ୍ଟର**

ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଘଣ୍ଟା ଘଣ୍ଟା ଧାଡ଼ିରେ ଛିଡ଼ା ହୋଇ ଔଷଧ ନେବାକୁ ପାଇଁ ଅପେକ୍ଷା କରିବାକୁ ପଡୁଛି। ଏଭଳି ଅବ୍ୟବସ୍ଥାରେ ଏମକେସିଜି ମେଡ଼ିକାଲରେ ରାଜ୍ୟ ସରକାରଙ୍କ 'ନିରାମୟ' ଯୋଜନା କାର୍ଯ୍ୟକାରି ହେଉଛି। ତେଣୁ ନିରାମୟ କେନ୍ଦ୍ରଗୁଡ଼ିକରେ ଆବଶ୍ୟକ ସମସ୍ତ ଔଷଧର ନିୟମିତ ଉପଲବ୍ଧତା ସୁନିଶ୍ଚିତ କରିବା, ଔଷଧ ଅଭାବ ଦୂର କରିବା ଏବଂ ରୋଗୀଙ୍କୁ ବାହାରୁ ଔଷଧ କିଣିବାରୁ ମୁକ୍ତି ଦେବା ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ନଚେତ୍ ମାଗଣା ଚିକିତ୍ସାର ସ୍ୱପ୍ନ କେବଳ ପ୍ରଚାରରେ ସୀମିତ ରହିଯିବ ବୋଲି ରୋଗୀ ଓ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ମେଡ଼ିକାଲ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହ ସମସ୍ୟା ସମାଧାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ଆକ୍ରମଣ ମାମଲାରେ ଜଣେ ଗିରଫ

ବ୍ରହ୍ମପୁର,୨୨।୬(ସମିସ): ଏକ ଆକ୍ରମଣ ମାମଲାରେ ବଡ଼ ବଜାର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣକ ଉକ୍ତ ଥାନା ଅଞ୍ଚଳର ଗଣେଶ ବେହେରା(୩୦)। ସୂଚନାଯୋଗ୍ୟ ଯେ, ସ୍ଥାନୀୟ ଉତ୍କଳ ସିନେମା ହଲ ଛକ ନିକଟରେ ରହୁଥିବା ରିନା ବେହେରାଙ୍କ ଶଶୁରଙ୍କୁ ତାଙ୍କ ଦିଅର ମୁନା ବେହେରା ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏପରିକି ଜୀବନରୁ ମାରି ଦେବାକୁ ଧମକ ମଧ୍ୟ ଦେଇଥିଲେ। ଏନେଇ ବୋହୁ ରିନା ବଡ଼ ବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଆଜି ଅଭିଯୁକ୍ତ ମୁନାକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବେଆଇନ ପଥର ବିସ୍ଫୋରଣ ମାମଲା; ୪ ଗିରଫ

ବ୍ରହ୍ମପୁର,୨୨।୬(ସମିସ): ବେଆଇନ ପଥର ବିସ୍ଫୋରଣ ମାମଲାରେ କେ. ନୂଆଗାଁ ଥାନା ପୁଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚିକିଟିଗଡ଼ ହରିଜନ ସାହିର ରଞ୍ଜନ ବେହେରା(୫୦), ଗୋଳନ୍ଥରା ଥାନା ଭାଲିଆଗଡ଼ ନିକଟସ୍ଥ ଏ. ପାଲୁର ଗ୍ରାମର ସୁରେଶ ପ୍ରଧାନ (୩୮) ଓ ଭାଲିଆଗଡ଼ ବଙ୍ଗାଳି ସାହିର ଆକାଶ ବିନ୍ଧାଣୀ (୩୦) ଏବଂ ଏମ୍. ମୋହନ ରାଓ (୫୭) ବୋଲି ପୁଲିସ କହିଛି। ଉପରୋକ୍ତ ଅଭିଯୁକ୍ତଙ୍କ ମଧ୍ୟରୁ ୩ଜଣଙ୍କୁ ଘଟଣା ସ୍ଥଳରୁ ଗିରଫ କରାଯାଇଥିବା ବେକ୍କେଖ୍ରେସର ମେସିନ୍ ମାଲିକ ଭାବେ ଅଭିଯୁକ୍ତ ଏମ୍. ମୋହନ ରାଓଙ୍କୁ ପରେ ଗିରଫ କରାଯାଇଥିବା ଜଣାପଡିଛି। ଘଟଣାରେ ପୁଲିସ ଗୋଟିଏ ଟ୍ରାକ୍ଟର, ଡ୍ରିଲିଂ ମେସିନ୍, ୭ଟି ଲୁହା ଡ୍ରିଲିଂ ରଡ୍, ସନ୍ଦିଗ୍ଧ ବିସ୍ଫୋରକ ପଦାର୍ଥର ଅବଶିଷ୍ଟାଂଶ ସହିତ ମିଶ୍ରିତ ବ୍ଲାଷ୍ଟ ପଥରର ନମୁନା, ଏକ ତାର ବଣ୍ଡଲକୁ ଜବତ କରିଛି। ସୂଚନାଯୋଗ୍ୟ ଯେ, ବିନା କୌଣସି ବୈଧ ଲାଇସେନ୍ସ ନଥିବା ସତ୍ତ୍ୱେ ଚିକିଟିଗଡ ନିକଟସ୍ଥ ବାଘ ପାହାଡରେ ଗାତ ଖୋଳି ପଥର ତଥା ବିସ୍ଫୋରକ ପଦାର୍ଥ ଏବଂ ଡେଟୋନେଟର ବ୍ୟବହାର କରି ବେଆଇନ ପଥର ବ୍ଲାଷ୍ଟିଂ କରାଯାଉଥିବା ନେଇ ଚିକିଟି ଫାଣ୍ଡି ଏସଆଇ ଗୌତମ ସାହୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ। ପରେ ଗତ ୨୧ତାରିଖରେ କେ. ନୂଆଗାଁ ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ପୁଲିସର ଏକ ଟିମ୍ ଘଟଣାସ୍ଥଳରେ ଚଢଉ କରିଥିଲେ। ଚଢଉ ବେଳେ ଜୋରଦାର ବିସ୍ଫୋରଣ ଶବ୍ଦ ଶୁଣିବା ସହ ବ୍ଲାଷ୍ଟିଂ ହେଉଥିବା ଦେଖିବାକୁ ପାଇଥିଲେ। ଘଟଣା ସ୍ଥଳରୁ ପୁଲିସ ଆକାଶ, ରଞ୍ଜନ ଓ ସୁରେଶଙ୍କୁ ଗିରଫ କରିଥିଲା। ଅବୈଧ ବିସ୍ଫୋରଣ ଯୋଗୁଁ ଲୋକଙ୍କ ଧନଜୀବନ ପାଇଁ ବିପଦ ସୃଷ୍ଟି କରିଥିବା ଜଣାପଡିଥିଲା। ଘଟଣାରେ ବିସ୍ଫୋରକ ଦ୍ରବ୍ୟ ଯୋଗାଣକାରୀ ଏବଂ ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ପୁଲିସ ଖୋଜିବା ସହ ତଦନ୍ତ ଜାରି ରଖିଥିବା ଜଣାପଡିଛି।

## ମହିଳା ଆଇନଜୀବୀଙ୍କ ବିୟୋଗରେ ଶୋକସଭା



ବ୍ରହ୍ମପୁର,୨୨।୬(ସମିସ): ଗଞ୍ଜାମ ଓକିଲ ସଂଘର ବରିଷ୍ଠ ମହିଳା ଆଇନଜୀବୀ ତଥା କୋର୍ଟପେଟା ଛକ ନିକଟରେ ରହୁଥିବା ରମା ସୁବୁଦ୍ଧିଙ୍କ ବିୟୋଗ ହୋଇଛି। ସୋମବାର ଓକିଲ ସଂଘର ଅସ୍ଥାୟୀ ସେଡ଼ରେ ଏନେଇ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସେ ଗଞ୍ଜାମ ଓକିଲ ସଂଘର ଜଣେ ବରିଷ୍ଠ ସଦସ୍ୟ ଥିଲେ। ଆଜି ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ଦେହାନ୍ତ ଖବର ଶୁଣି ଗଞ୍ଜାମ ଓକିଲ ସଙ୍ଘର ସଭାପତି ସୀତାଂଶୁ ଶେଖର ପଣ୍ଡାଙ୍କ ଅଧକ୍ଷତା ଅସ୍ଥାୟୀ ସମ୍ମିଳନୀ କକ୍ଷରେ ମୃତ ଆଇନଜୀବୀଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା । ସେହିପର ଶୋକସନ୍ତପ୍ତ ପରିବାରବର୍ଗଙ୍କ ପାଇଁ ସମବେଦନା ମଧ୍ୟ ଜ୍ଞାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଜଗନ୍ନାଥ ମିଶ୍ର,ଉପସଭାପତି ସତ୍ୟ ନାରାୟଣ ବସନ୍ତିଆ ଓ ସହସମ୍ପାଦକ ଗଂଜନ କୁମାର ସାମନ୍ତରାୟ ଅନ୍ୟାନ୍ୟ ଆଇନଜୀବୀ ମାନେ ଉପସ୍ଥିତ ଥିଲେ । ରମାଙ୍କ ବାହାରେ ରହୁଥିବା ହେତୁ ଆଜି ଅନ୍ତିମ ସତ୍କାର ହୋଇପାରି ନାହିଁ। ଆସନ୍ତା କାଲି ଅନ୍ତିମ ସତ୍କାର ହେବ ବୋଲି ଜଣାପଡ଼ିଛି।

## ଆଇନଜୀବୀ ରମା ସୁବୁଦ୍ଧିଙ୍କ ବିୟୋଗରେ ଶୋକସଭା

ଦିଗପହଣ୍ଡି, ୨୨।୬(ସମିସ): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଓକିଲ ସଂଘର ବରିଷ୍ଠ ସଦସ୍ୟା ଆଇନଜୀବି ରମା ସୁବୁଦ୍ଧିଙ୍କ ବିୟୋଗରେ ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ସୋମବାର ମଧ୍ୟାହ୍ନରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସଂଘର ସଭାପତି



ହୃଦୟ ରଞ୍ଜନ ମେକାପ, ସମ୍ପାଦକ ସନ୍ତୋଷ କୁମାର ସାହୁ, ପୂର୍ବତନ ସଭାପତି ସୂର୍ଯ୍ୟ ନାରାୟଣ ସାହୁ, ରସାନନ୍ଦ ରାଉତ,ଏ. ସୋମେଶ୍ୱର ରାଓ, ଚନ୍ଦ୍ରଧ୍ୱଜ ସିଂହ, ରବିନ୍ଦ୍ର ନାଥ ପାଣିଗ୍ରାହୀ, ହରପ୍ରସାଦ ରଥ, ସରକାରୀ ଓକିଲ ପରେଶ ଚନ୍ଦ୍ର ରଥ, ହେମନ୍ତ କୁମାର ପାଣିଗ୍ରାହୀ, ସିମାଞ୍ଚଳ ପ୍ରଧାନ, ବିଜୟ କୁମାର ପ୍ରଧାନଙ୍କ ସମେତ ପ୍ରଦୀପ କୁମାର ନାୟକ, ନୀଳମାଧବ ରଥ, ନକୁଳ ପ୍ରଧାନ, ସଞ୍ଜୟ କୁମାର ପଣ୍ଡା, ସଚିକାନ୍ତ ରଥ, ମଞ୍ଜୁଳା କୁମାରୀ ଲେଙ୍କା ପ୍ରମୁଖ ବହୁ ଆଇନଜୀବି ଉପସ୍ଥିତ ରହି ତାଙ୍କ ସ୍ମୃତିଚାରଣ କରିବା ସହ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ।

## ଗଞ୍ଜାମରେ ହେବ ବାସ୍କେଟବଲ୍ ରାଜ୍ୟସ୍ତରୀୟ ସବ୍‌ଜୁନିଅର ଚାମ୍ପିଅନ୍‌ସିପ

ବ୍ରହ୍ମପୁର,୨୨।୬(ସମିସ): ରାଜ୍ୟସ୍ତରୀୟ ଉଭୟ ବାଳକ ଓ ବାଳିକା ବର୍ଗ ସବ ଜୁନିଅର ବାସ୍କେଟବଲ ଚାମ୍ପିଅନ୍‌ସିପ୍‌ର ଆୟୋଜନ କରିବ ଗଞ୍ଜାମ ଜିଲ୍ଲା ବାସ୍କେଟବଲ ସଂଘ। ସ୍ଥାନୀୟ ପାଲୁର ହିଲ୍ସ ସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଆସନ୍ତା ୨୮ ରୁ ଜୁଲାଇ ପହିଲା ପର୍ଯ୍ୟନ୍ତ ଦିର୍ଘ ୫ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଉଭୟ ବାଳକ ଓ ବାଳିକା ବର୍ଗରେ ଖେଳାଳୀମାନେ ଯୋଗଦେବେ। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଗଞ୍ଜାମ ଜିଲ୍ଲା ଦଳ ଚୟନ କରାଯିବ। ଇଚ୍ଛୁକ ଖେଳାଳୀମାନେ ନିଜ ଜନ୍ମ ପ୍ରମାଣପତ୍ର ଓ ଆଧାର କାର୍ଡ ଧରି ଆସନ୍ତା ୨୫ତାରିଖ ପୂର୍ବାହ୍ନ ସାଢେ ୬ଟା ସମୟରେ ବ୍ରହ୍ମପୁର ବଡ ମେଡିକାଲ ନିକଟସ୍ଥ ବାସ୍କେଟବଲ ଖେଳପଡିଆରେ ଚୟନ ଶିବିରରେ ଯୋଗଦେବାକୁ ଆହ୍ୱାନ କରାଯାଇଛି। ଖେଳାଳିଙ୍କ ଜନ୍ମ ୨୦୧୩ମସିହା ଜାନୁଆରୀ ପହିଲା ପରେ ହୋଇଥିବା ଜରୁରୀ। ଇଚ୍ଛୁକ ଖେଳାଳିମାନେ ନିଜର ନାମ ପଞ୍ଜିକରଣ ପାଇଁ ପ୍ରଶାନ୍ତ କୁମାର ରାଉତ (୯୮୬୧୩୪୩୬୪୯) ଓ ରାଜ ନାରାୟଣ ପାତ୍ରଙ୍କୁ (୯୪୩୭୧୩୫୧୩୫) ଯୋଗାଯୋଗ କରିବାକୁ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

**ଘରୋଇ କଲେଜ ହଷ୍ଟେଲରେ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା**

# ଏସ୍‌ପିଙ୍କ ନିକଟରେ ଫେରାଦ ହେଲେ ମୃତକଙ୍କ ପରିବାର

ବ୍ରହ୍ମପୁର,୨୨।୬(ସମିସ): ଗୋଳନ୍ଥରା ଥାନା ଅନ୍ତର୍ଗତ ଏକ ଘରୋଇ କଲେଜ ହଷ୍ଟେଲରୁ ଛାତ୍ରୀଙ୍କ ମୃତଦେହ ଉଦ୍ଧାର ଘଟଣାରେ ତାଙ୍କ ପୁରୁଷ ବନ୍ଧୁଙ୍କୁ ଗିରଫ କରିଛି ପୁଲିସ। ଗିରଫ ଯୁବକ ଜଣକ ହେଲେ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ପୁତୁରା ତଥା ଗୋଳନ୍ଥରା ପନ୍ଦରା ସାହିର ବିଶ୍ୱଜିତ ଜେନା। ବିଶ୍ୱଜିତଙ୍କୁ ଗିରଫ କରିବା ପରେ ରବିବାର ରାତିରେ କୋର୍ଟଚାଲାଣ କରିଛି ପୁଲିସ। ଘଟଣାସ୍ଥଳରୁ ପୁଲିସ ମୃତ ଯୁବତୀଙ୍କ ମୋବାଇଲ ଫୋନ୍ ଓ ଲାପଟପକୁ ଜବତ କରିବା ସହ ହଷ୍ଟେଲର ସିସିଟିଭି କ୍ୟାମେରା ଫୁଟେଜକୁ ମଧ୍ୟ ଜବତ କରିଛି। ଛାତ୍ରୀଙ୍କ କିଛି ସହପାଠୀଙ୍କ ଠାରୁ ରେକର୍ଡ ହୋଇଥିବା ରିପୋର୍ଟ ଆସିଛି। ଛାତ୍ରୀଙ୍କ ବେକରେ ଗଭୀର ଦାଗ ଚିହ୍ନ ରହିଛି। ବେକରେ ଥିବା ଦାଗ ଚିହ୍ନରୁ ସେ ଆତ୍ମହତ୍ୟା କରିଥିବା ସ୍ପଷ୍ଟ ହେଉଥିଲେ ହେଁ ଅଧିକ ପରୀକ୍ଷା ପାଇଁ ପଠାଯାଇଥିବା କିଛି ନମୁନାର ରିପୋର୍ଟ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିବ ବୋଲି କହିଛନ୍ତି ଏମକେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଦୀପା ଦାସ। ଅନ୍ୟପଟେ ଆଜି ଛାତ୍ରୀଙ୍କ ପରିବାର ଓ କିଛି ସମ୍ପର୍କୀୟ ବ୍ରହ୍ମପୁର ଆସି ଏସପିଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରିଥିଲେ। ଘଟଣାରେ ଅଭିଯୁକ୍ତ ବିଶ୍ୱଜିତ ଜେନାଙ୍କୁ ଯଦିଓ ପୁଲିସ ଗିରଫ କରିଛି ତେବେ ଅନ୍ୟ ଅଭିଯୁକ୍ତଙ୍କ ଭଳି ତାଙ୍କୁ କୋର୍ଟ ଚାଲାଣ ସମୟର ଫଟୋ କିମ୍ବା ଭିଡ଼ିଓ କିଭଳି ପ୍ରବେଶ କରିଥିଲେ ତାହାର ମଧ୍ୟ ତଦନ୍ତ କରିବାକୁ ମୃତ ଛାତ୍ରୀଙ୍କ ପରିବାର ପକ୍ଷରୁ ଦାବି କରାଯାଇଛି। ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ କଲେଜ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ଛାତ୍ରୀଙ୍କ ମାମୁ ଓ ଅନ୍ୟ ସମ୍ପର୍କୀୟମାନେ ଦାବି କରିଛନ୍ତି। ସେପଟେ ପୁତୁରା ବିଶ୍ୱଜିତଙ୍କ ଗିରଫକୁ ନେଇ ମୁହଁ ଖୋଲିଛନ୍ତି ପରିବହନ ତଥା ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା। ମନ୍ତ୍ରୀ କହିଛନ୍ତି ଲୋକଙ୍କ ସରକାରରେ ଆଇନରୁ ଉର୍ଦ୍ଧ୍ୱରେ କେହି ନୁହଁନ୍ତି। ଆଇନ ତା ବାଟରେ ଯିବ ଏବଂ ପ୍ରକୃତ ଦୋଷୀଙ୍କୁ ଦଣ୍ଡ ମିଳିବ। ଏହି ମାମଲାରେ ଯିଏ ଦୋଷୀ ଅଥବା ସନ୍ଦେହ ଘେରକୁ ଆସିବ ତାହାର ମୋବାଇଲ ଓ

- **ଅଭିଯୁକ୍ତଙ୍କ ଫଟୋକୁ ସାର୍ବଜନୀନ ନ କରିବା ଓ ଛାତ୍ରୀନିବାସକୁ ବିଶ୍ୱଜିତଙ୍କ ପ୍ରବେଶକୁ ନେଇ ପ୍ରଶ୍ନବାଚୀ**
- **ଆସିଲା ମୃତ ଛାତ୍ରୀଙ୍କ ପ୍ରାଥମିକ ଶବ ବ୍ୟବଚ୍ଛେଦ ରିପୋର୍ଟ**



ବୟାନରୁ ମଧ୍ୟ ପୁଲିସକୁ ଅନେକ ତଥ୍ୟ ମିଳିପାରିଛି। ମୃତ ଛାତ୍ରୀଙ୍କ ପରିବାର ବର୍ଗଙ୍କ ଅଭିଯୋଗ ଓ ମିଳିଥିବା ତଥ୍ୟ ଆଧାରରେ ପୁଲିସ ବିଶ୍ୱଜିତ ଜେନାଙ୍କୁ ଗିରଫ କରିଥିବା ବେଳେ ବର୍ତ୍ତମାନ ମଧ୍ୟ ତଦନ୍ତ ଜାରି ରହିଥିବା କହିଛନ୍ତି ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ୍। ସେପଟେ ମୃତ ଛାତ୍ରୀଙ୍କ ପ୍ରାଥମିକ ଶବ ବ୍ୟବଚ୍ଛେଦ ପୁଲିସ ସାର୍ବଜନୀନ କରିନଥିବାକୁ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି। ଏହି ମାମଲାରେ ପୁଲିସ ଚାପରେ ନରହି ନିରପେକ୍ଷ ଭାବେ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ଏବଂ ସମ୍ପୃକ୍ତ ଘରୋଇ କଲେଜର ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିବାକୁସେମାନେ ଦାବି କରିଛନ୍ତି। କଲେଜର ଛାତ୍ରୀନିବାସକୁ ବିଶ୍ୱଜିତ ଲାପଟପ୍ ଜବତ କରି ନିରପେକ୍ଷ ତଦନ୍ତ କରିବାକୁ ସେ ପୁଲିସକୁ ପ୍ରଥମ ଦିନରୁ କହିଥିବା ମନ୍ତ୍ରୀ ଶ୍ରୀ ଜେନା ସ୍ପଷ୍ଟ କରିଛନ୍ତି। ସେହି କ୍ରମରେ ପୁଲିସ ନିଜ ତଦନ୍ତ ଜାରି ରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହା ଏକ ସମ୍ବେଦନଶୀଳ ଓ ଦୁଃଖଦ ଘଟଣା ଏହାକୁ ନେଇ ରାଜନୀତିକରଣ କରାନଯାଉ ବୋଲି ମନ୍ତ୍ରୀ ନିଜ ପ୍ରତିକ୍ରୀୟାରେ କହିଛନ୍ତି।

## ମହିଳାଙ୍କୁ ଅସଦାଚରଣ ମାମଲାରେ ୨ ଗିରଫ

ବ୍ରହ୍ମପୁର,୨୨।୬(ସମିସ)



ଜଣେ ଯୁବତୀଙ୍କ ଘରେ ପଶି ଅସଦାଚରଣ ଓ ଆକ୍ରମଣ କରିବା ଅଭିଯୋଗରେ ଗୋଷାଣୀନୂଆଗାଁ ଥାନା ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗୁଡସେଡ ରୋଡ ପୁଲିସ କଲୋନୀର ଏସ୍. ସନ୍ତୋଷ କୁମାର ପ୍ରଧାନ ଓରଫ ସିଙ୍ଗିପୁରମ୍ ସନ୍ତୋଷ(୨୭) ଏବଂ ଓମ୍ ବିହାର ଦ୍ୱିତୀୟ ଲାଇନର ସଞ୍ଜୟ ବେହେରା (୨୪)। ସୂଚନାପ୍ରକାରେ, ରବିବାର ସକାଳ ପ୍ରାୟ ୭ଟା ସମୟରେ ତୋଟା ସାହିଠାରେ ପିଣ୍ଟୁ ନାମକ ଜଣେ ଯୁବକଙ୍କ ସହ ଅଭିଯୁକ୍ତ ସନ୍ତୋଷ କୁମାର ରେଡ୍ଡୀଙ୍କର କୌଣସି କାରଣକୁ ନେଇ ବଚସା ହୋଇଥିଲା। ପରେ ପିଣ୍ଟୁ ଏହି ବିଷୟରେ ନିଜ ସହଯୋଗୀମାନଙ୍କୁ ଜଣାଇଥିଲେ। ସେହିଦିନ ଅପରାହ୍ନ ପ୍ରାୟ ୫ଟା୧୫ ମିନିଟ୍ ସମୟରେ ପିଣ୍ଟୁ ଓ ତାଙ୍କ ସାଙ୍ଗମାନେ ମଦ୍ୟପାନ କରି ସନ୍ତୋଷ ରେଡ୍ଡୀଙ୍କୁ ଆକ୍ରମଣ କରିବା ପାଇଁ ତାଙ୍କ ଘରେ ପହଞ୍ଚିଥିଲେ। ସେହି ସମୟରେ ସନ୍ତୋଷ ଘରେ ନଥିବାରୁ ଅଭିଯୁକ୍ତମାନେ ତାଙ୍କ ଭଉଣୀ ଭାଗ୍ୟ ପ୍ରଧାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଘରର ଅନ୍ୟ ଜଣେ ସଦସ୍ୟା ଜେ. ପ୍ରେମକୁମାରୀ ଏହାକୁ ବିରୋଧ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମଧ୍ୟ ଦୁର୍ବ୍ୟବହାର କରିବା ସହ ଟଣାଓଟରା କରି ପୋଷାକ ଚିରି ଦେଇଥିଲେ। ଏପରିକି ଅଭିଯୁକ୍ତ ଏସ୍. ସନ୍ତୋଷ କୁମାର ପ୍ରଧାନ ଅଶ୍ଳୀଳ ଫଟୋ ଭାଇରାଲ୍ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହାପରେ ଏକ ଛୁରୀ ସାହାଯ୍ୟରେ ତାଙ୍କ ବେକକୁ କାଟି ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଘଟଣାକୁ ନେଇ ଗଜପତି ଜିଲା ଗରବନ୍ଧ ଥାନା ଅନ୍ତର୍ଗତ କି. ତାଳସିଂ ଗ୍ରାମର ଜେ. ପ୍ରେମକୁମାରୀ ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(୨୪୨/୨୬) ରୁଜୁ କରି ତଦନ୍ତ କରିଥିଲା।

## ଛୁଟି ପରେ ଖୋଲିଲା ଶିକ୍ଷାନୁଷ୍ଠାନ, ପାଠପଢ଼ା ଆରମ୍ଭ

ବ୍ରହ୍ମପୁର,୨୨।୬(ସମିସ): ଦୀର୍ଘ ଗ୍ରୀଷ୍ମଛୁଟି ପରେ ସୋମବାରଠାରୁ ଗଞ୍ଜାମ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ପୁଣିଥରେ ଖୋଲିଛି। ସକାଳୁ ସକାଳୁ ଛାତ୍ରଛାତ୍ରୀମାନେ ନୂଆ ଉତ୍ସାହ ଓ ଆନନ୍ଦର ସହ ସ୍କୁଲକୁ ଯାଇଥିବା ଦେଖିବାକୁ ମିଳିଛି। ପ୍ରଥମ ଦିନରେ ପ୍ରାୟ ଶତକଡ଼ା ୫୦ଭାଗ ଉପସ୍ଥାନ କମ ରହିଥିବା ଦେଖିବାକୁ ମିଳିଥିଲା। ଦୀର୍ଘଦିନ




ପରେ ସହପାଠୀ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କ ସହ ସାକ୍ଷାତ ହେବାରୁ ଛାତ୍ରଛାତ୍ରୀଙ୍କ ମନରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଥିଲା। ସ୍କୁଲ ପ୍ରାଙ୍ଗଣରେ ପ୍ରାର୍ଥନା ସଭା ଆୟୋଜନ କରାଯାଇ ନୂତନ ଶିକ୍ଷାବର୍ଷ ପାଇଁ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଯାଇଥିଲା। ପ୍ରଥମ ଦିନରେ ଶିକ୍ଷକମାନେ ପାଠପଢ଼ା ଆରମ୍ଭ କରିବା ସହ ଶ୍ରେଣୀଗୃହରେ ଉପସ୍ଥିତି ଓ ନୂତନ ଶିକ୍ଷାବର୍ଷର କାର୍ଯ୍ୟଯୋଜନା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଏପ୍ରିଲ ମାସ ଠାରୁ ଗ୍ରୀଷ୍ମ ଛୁଟି ହୋଇଥିବା ବେଳେ ଚଳିତ ମାସ ୧୮ ତାରିଖରେ ବିଦ୍ୟାଳୟ ଖୋଲିବା ନିଷ୍ପତି ରହିଥିଲା। ପ୍ରତିକୂଳ ପାଣିପାଗ ପରିସ୍ଥିତିକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଓ ବେସରକାରୀ ଶିକ୍ଷାନୁଷ୍ଠାନକୁ ଚଳିତ ମାସ ୨୦ ତାରିଖ ପର୍ଯ୍ୟନ୍ତ ବନ୍ଦ ଘୋଷଣା କରାଯାଇଛି। ୨୧ତାରିଖ ରବିବାର ରହିଥିବା ବେଳେ ସୋମବାର ଅର୍ଥାତ ୨୨ତାରିଖରେ ବିଦ୍ୟାଳୟରେ ପାଠପଢା ଆରମ୍ଭ ହୋଇଛି।

**ଏଲ୍-ଲିନୋ ପ୍ରଭାବ; ସ୍ୱଳ୍ପ ବର୍ଷା ଆଶଙ୍କା**

# ପ୍ରତିକାର ଲାଗି ପ୍ରସ୍ତାବ ଦେଲେ ଚାଷୀ ସଂଗଠନ

ବ୍ରହ୍ମପୁର,୨୨।୬(ସମିସ)

ଚଳିତବର୍ଷ ଏଲିନୋ ପ୍ରଭାବରେ ବର୍ଷା କମ୍ ହେବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଏହିକ୍ରମରେ ଗଞ୍ଜାମ ଜିଲ୍ଲାର ମୁଖ୍ୟ ଫସଲ ଧାନଚାଷ ଲାଗି ଅବିଳମ୍ବେ ଏହାର ପ୍ରତିକାର ଲାଗି ସରକାର ଓ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦେବା ଜରୁରୀ ବୋଲି ଚାଷୀ ସଂଗଠନମାନେ ଦାବି କଲେଣି। ସମ୍ପ୍ରତି ଖରିଫ ଋତୁ ଆରମ୍ଭ ହେବା ସହ ଗଞ୍ଜାମ ଜିଲ୍ଲାର ଚାଷୀମାନେ ଚାଷ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ବିଭିନ୍ନ କୃଷିଜନିତ ସମସ୍ୟା ସେମାନଙ୍କ ଚିନ୍ତା ବଢ଼ାଇ ଦେଇଛି। ବିଶେଷକରି ନକଲି ବିହନ ଓ ସାର କାରବାର, ପର୍ଯ୍ୟାପ୍ତ କୃଷି ଉପକରଣର ଅଭାବ, ଫସଲ ବୀମାରେ ଅନିୟମିତତା, ମଣ୍ଡି ବ୍ୟବସ୍ଥାର ଦୁର୍ବଳତା ଏବଂ କୃଷି ବିଭାଗର ଅପର୍ଯ୍ୟାପ୍ତ ତଦାରଖକୁ ନେଇ ପୂର୍ବରୁ ଚାଷୀମାନେ ନାନାଦି ସମସ୍ୟାର ସମ୍ମୁଖିନ ହୋଇଛନ୍ତି। ଏଣୁ ଚଳିତବର୍ଷ ଆଗୁଆ ପ୍ରଶାସନ ସଜାଗ ରହିଲେ ଚାଷୀମାନେ ଆଉ ସମସ୍ୟାର ସମ୍ମୁଖିନ ହେବେ ନାହିଁ ବୋଲି କୁହାଯାଇଛି। ଏଣୁ ଜିଲ୍ଲାରେ ଆଗାମୀ ଭବିଷ୍ୟତର ମୁକାବିଲା ଲାଗି ଋଷିକୂଲ୍ୟା ରୟତ ମହାସଭା ଓ ବିଭିନ୍ନ ସଂଗଠନ ଗୁଡ଼ିକ ସରକାର ଓ ପ୍ରଶାସନକୁ ପ୍ରସ୍ତାବ ଦେଇଛନ୍ତି।

ପ୍ରସ୍ତାବ ପ୍ରକାରେ, ବର୍ଷା ଜଳକୁ ସଂରକ୍ଷଣ କରି ଭୂତଳ ଜଳସ୍ତର ବଢାଇବା ନିମେନ୍ତ ରାମଜି ଯୋଜନାରେ ପ୍ରତ୍ୟେକ ଚାଷ ଜମିରେ ନନ୍ୟୁନ ୪ଟି ଗାତ ଖୋଳିବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବାକୁ କୁହାଯାଇଛି। ସେହିଭଳି ଜୈବିକ ଚାଷକୁ ଗୁରୁତ୍ୱ ଦେଇ କମ ପାଣିରେ ଅମଳ ହେବା ଭଳି ବିହନ ଆପଣାଇବା ସହିତ ହିଡ଼ରେ ନିମ୍ବ ଗଛ ରୋପଣକୁ ପ୍ରୋତ୍ସାହନ, ସମସ୍ତ ଉଠାଜଳସେଚନ ପ୍ରକଳ୍ପ ଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକ୍ଷମ, କେନାଲ ଓ ଶାଖାର ମରାମତି, ପ୍ରତି ବ୍ଲକରେ ଶୀତଳଭଣ୍ଡାର ସହିତ ଫସଲ ସଂରକ୍ଷଣ ବ୍ୟବସ୍ଥା, ତୈଳବୀଜ ଚାଷକୁ ଗୁରୁତ୍ୱ, ବନ୍ୟଜନ୍ତୁ ପାର୍ଦୁଭାବରୁ ଫସଲକୁ ସୁରକ୍ଷା, ପ୍ରତି ପଞ୍ଚାୟତରେ କୃଷି ସହାୟକ କେନ୍ଦ୍ର ଖୋଲିବା, ଚାଷୀ ସଭା ଜରିଆରେ ଗ୍ରାମ୍ୟ ସ୍ୱରାଜ ପ୍ରତିଷ୍ଠା, ବିହନ ପାଣ୍ଠି ସୃଷ୍ଟି ଇତ୍ୟାଦି ଦିଗରେ ପ୍ରଶାସନ ଓ ସରକାର ଗୁରୁତ୍ୱ ଦେଲେ ଚାଷୀ ସମସ୍ୟା ଅନେକାଂଶରେ ଦୂରେଇ ଯିବ ବୋଲି କୁହାଯାଇଛି। ଋଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହକଙ୍କ କହିବା ଅନୁସାରେ ଗଞ୍ଜାମ ଜିଲ୍ଲାରେ ପ୍ରାୟ ୭୦ହଜାରରୁ ଅଧିକ ଚାଷୀ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କୃଷି ଉପରେ ନିର୍ଭରଶୀଳ। କୃଷି ହେଉଛି ଜିଲ୍ଲାର ଅର୍ଥନୀତିର ମୁଖ୍ୟ ଆଧାର। ତେବେ ପ୍ରତିବର୍ଷ ଖରିଫ ଓ ରବି ଋତୁରେ ଚାଷୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ହୋଇପାରୁ ନାହିଁ। ଫଳରେ ଚାଷୀଙ୍କ ଉତ୍ପାଦନ ଖର୍ଚ୍ଚ ବଢୁଥିବା ବେଳେ ଆୟ କମିବାରେ ଲାଗିଛି। ଜିଲ୍ଲାର ଅନେକ ଅଞ୍ଚଳରେ ଚାଷୀମାନେ ଆବଶ୍ୟକ ପରିମାଣରେ ଉନ୍ନତମାନର ବିହନ ପାଉନାହାନ୍ତି। ବହୁ ସମୟରେ ବ୍ୟବସାୟୀମାନେ ନକଲି କିମ୍ବା ନିମ୍ନମାନର ବିହନ ବିକ୍ରି କରୁଥିବାରୁ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ପ୍ରତ୍ୟେକ ବ୍ଲକରେ ଚାଷୀଙ୍କ ଚାହିଦା ଅନୁସାରେ ପ୍ରମାଣିତ ବିହନ ଯୋଗାଣ କରିବା ସହ ବିହନ ବିକ୍ରୟ କେନ୍ଦ୍ରଗୁଡ଼ିକ ଉପରେ କଡ଼ା ନଜରଦାରି କରିବାକୁ ଦାବି ହୋଇଛି। ସେହିପରି ସାର ଓ କୀଟନାଶକ ଯୋଗାଣ କ୍ଷେତ୍ରରେ ମଧ୍ୟ ଅନେକ ଅନିୟମିତତା ଦେଖାଯାଉଥିବା ମହାସଭା ଅଭିଯୋଗ କରିଛି।

ଚାଷୀମାନେ ନିୟମିତ ଭାବେ ପ୍ରିମିୟମ ଜମା କରୁଥିଲେ ମଧ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉପଯୁକ୍ତ କ୍ଷତିପୂରଣ ପାଉନଥିବା ଅଭିଯୋଗ ରହିଛି। ସଂଗଠନ ପକ୍ଷରୁ କୁହାଯାଇଛି ଯେ ଚାଷୀଙ୍କ ସମସ୍ୟା ସମାଧାନରେ କୃଷି ବିଭାଗର କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଅଧିକ ସକ୍ରିୟ ହେବା ଆବଶ୍ୟକ। ଗ୍ରାମ ସ୍ତରରେ ନିୟମିତ ଭାବେ କୃଷି ପରାମର୍ଶ ଶିବିର, ଚାଷୀ ସଚେତନତା କାର୍ଯ୍ୟକ୍ରମ ଓ କ୍ଷେତ୍ର ପରିଦର୍ଶନ ବ୍ୟବସ୍ଥା କରିବାକୁ ମଧ୍ୟ ଦାବି ହୋଇଛି।

## ବଢୁଛି ଜ୍ୱର ରୋଗୀଙ୍କ ସଂଖ୍ୟା

# ଧୋବାଲିରେ ପହଞ୍ଚିଲା ସ୍ୱାସ୍ଥ୍ୟ ଟିମ୍

ପାତ୍ରପୁର,୨୨।୬(ସମିସ

ସୋମବାର ଦିନ ଜିଲ୍ଲା ସ୍ୱାସ୍ଥ୍ୟ ଟିମ ସହିତ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଟିମ ମଧ ପହଞ୍ଚି ଜ୍ୱରରେ ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସା ପାଇଁ ପହଞ୍ଚିଥିବା ଦେଖିବାକୁ ମିଳିଛି। ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ବୁରୁତାଲ ଉପ-ସ୍ୱାସ୍ଥ୍ୟ କେନ୍ଦ୍ରର ଅଂଶବିଶେଷ ଦୁଇଟି ଦୁର୍ଗମ ଗାଁ ବାଡୁଆ ଏବଂ ଧୋବାଲିଂରେ ଗତ କିଛି ଦିନ ମଧ୍ୟରେ ଜ୍ୱର ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ଏହି ପାହାଡିଆ ଅଞ୍ଚଳ ଭୌଗୋଳିକ ଭାବରେ 'ଉଚ୍ଚ ମ୍ୟାଲେରିଆ ଜୋନ୍' ହୋଇଥିବାରୁ, ଖବର ପ୍ରସାରଣ ମାତ୍ରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ ତଦନ୍ତ ପାଇଁ ଘଟଣାସ୍ଥଳରେ ପହଞ୍ଚିଛି। ଉକ୍ତ ଟିମ ରେ ଡାକ୍ତର ଦେବୀ ପ୍ରସାଦ ପଟ୍ଟନାୟକ ଏବଂ ଡାକ୍ତର ତୁଳସୀ ମଲ୍ଲିକ, ସଞ୍ଜିତ, ପାତ୍ର, ବିବେକାନନ୍ଦ ଅଧିକାରୀ, ପ୍ରଫୁଲ୍ଲ ପାଢୀ, (ଫାର୍ମାସିଷ୍ଟ), ଦୀପକ ମହାପାତ୍ର, ଉପେନ୍ଦ୍ର ନାୟକ ସମସ୍ତେ ଯାଇ ଏକ ବ୍ୟାପକ ସାମୁଦାୟିକ ସ୍କ୍ରିନିଂ ଶିବିରର ଆୟୋଜନ କରିଥିଲେ। ଏହି ଶିବିରରେ ଗ୍ରାମବାସୀଙ୍କୁ ସାଧାରଣରୋଗରଚିକିତ୍ସାଯୋଗାଇଦେବା ସହ ବ୍ୟାପକ ଭାବେ ଆର.ଡି.ଟି କିଟ୍ ଦ୍ୱାରା ରକ୍ତ ପରୀକ୍ଷା କରାଯାଇଥିଲା।ରକ୍ତ ପରୀକ୍ଷା ସମୟରେ ଉଭୟ ଗ୍ରାମରୁ ମୋଟ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ଦେଖିବାକୁ ମିଳିଛି। ସେମାନଙ୍କ ମଧ୍ୟରୁ ୨ ଜଣ ପି.ଭି ଏବଂ ୯ ଜଣ ପି.ଏଫ୍ ମ୍ୟାଲେରିଆ ପଜିଟିଭ୍ ଥିବା ଜଣାପଡିଛି। ସ୍ୱାସ୍ଥ୍ୟ ଦଳ ପକ୍ଷରୁ ସମସ୍ତ ପଜିଟିଭ୍ ଚିହ୍ନଟ ରୋଗୀଙ୍କୁ ତୁରନ୍ତ 'ରାଡିକାଲ୍ ଟ୍ରିଟମେଣ୍ଟ'ର ପ୍ରଥମ ଡୋଜ୍ ଔଷଧ ପ୍ରଦାନ କରାଯାଇ ଚିକିତ୍ସା ଆରମ୍ଭ କରାଯାଇଛି। ସ୍ଥିତିକୁ ସମୀକ୍ଷା କରିବା ପାଇଁ ଜିଲ୍ଲା ଏପିଡେମିଓଲୋଜିଷ୍ଟ ମୁକେଶ ଚନ୍ଦ୍ର ମାଲି ଏବଂ ଭେକ୍ଟର ବର୍ଣ୍ଣ ଡିଜିଜ୍ କନସଲଟାଣ୍ଟ ସନ୍ତୋଷ କୁମାର ଷଡ଼ଙ୍ଗୀ ଉକ୍ତ ପ୍ରଭାବିତ ଗ୍ରାମ ଗସ୍ତ କରି ସ୍ୱାସ୍ଥ୍ୟ ସେବାର ଅନୁଧ୍ୟାନ କରିଥିଲେ।



## ୭ ଦିନରେ ୪୪ ନିଖୋଜ ବ୍ୟକ୍ତି ଉଦ୍ଧାର

ଛତ୍ରପୁର,୨୨/୬(ସମିସ): ଗତ ୧୫ ତାରିଖରୁ ୨୧ ତାରିଖ ମଧ୍ୟରେ ଗଞ୍ଜାମ ପୋଲିସ ଜିଲ୍ଲାର ବିଭିନ୍ନ ଥାନାର ତ୍ୱରିତ ଏବଂ ସମନ୍ୱିତ ପ୍ରୟାସ ଫଳରେ ୪୪ ଜଣ ନିଖୋଜ ବ୍ୟକ୍ତିଙ୍କୁସଫଳତାରସହଖୋଜିବାହାରକରାଯାଇଉଦ୍ଧାରକରାଯାଇଛି।ଏହାମଧ୍ୟରେ ୪ ଜଣ ପୁରୁଷ, ୨୫ ଜଣ ମହିଳା ଏବଂ ୧୫ ଜଣ ଶିଶୁ ରହିଛନ୍ତି। ପରବର୍ତ୍ତୀକାଳରେ ସେମାନଙ୍କୁ ସୁରକ୍ଷିତ ଭାବେ ସେମାନଙ୍କ ପରିବାର ସହ ପୁନର୍ମିଳିତ କରାଯାଇଛି।

## ନାବାଳିକାଙ୍କୁ ଦୁଷ୍କର୍ମ ଓ ଭିଡିଓ ଭାଇରାଲ ଅଭିଯୋଗ

● ନାବାଳକ ଗଲେ ବାଳ ସୁଧାର ଗୃହ

ପାରଳାଖେମୁଣ୍ଡି, ୨୨।୬ (ସମିସ) : ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଜଣେ ନାବାଳିକାଙ୍କୁ ୧୭ ବର୍ଷିୟ ନାବାଳକ ଦୁଷ୍କର୍ମ ଓ ଭିଡିଓ ଭାଇରାଲ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପାରଳାଖେମୁଣ୍ଡି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ପୁଲିସ ପ୍ରାଥମିକ ତଦନ୍ତ ବେଳେ ୧୭ ବର୍ଷିୟ ନାବାଳକ ଜଣକ ଘଟଣାରେ ସମ୍ପୃକ୍ତ ଥିବା ଜାଣିପାରି ତାକୁ ବ୍ରହ୍ମପୁରସ୍ଥ ବାଳ ସୁଧାର ଗୃହକୁ ପଠାଇଦେଇଛି । ସୂଚନା ପ୍ରକାରେ ଉଭୟ ନାବାଳିକା ଓ ନାବାଳକଙ୍କ ଘର ପାରଳାଖେମୁଣ୍ଡି ସହରର ହୋଇଥିବା ବେଳେ ନାବାଳକ ଜଣକ ନାବାଳିକାଙ୍କୁ ବ୍ଲାକମେଲ କରି କିଛି ବର୍ଷ ଧରି ଶାରିରୀକ ସମ୍ପର୍କ ରଖିଥିଲା ଆଉ ଭିଡିଓ ଉତ୍ତୋଳନ ବି କରିଥିଲା। ତେବେ କିଛି ଦିନ ପୂର୍ବେ ଭିଡିଓ ତଥା ଫୋଟ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷଙ୍କ ମୋବାଇଲରେ ପହଞ୍ଚିଥିଲା। ଫଳରେ ସମସ୍ତ ଘଟଣା ସମ୍ପର୍କେ ନାବାଳିକାଙ୍କ ପରିବାର ବର୍ଗ ଜାଣିପାରିଥିଲେ। ଏହାପରେ ନାବାଳିକା ଜଣକ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ୨୪୯/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବାର ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି।

## ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ବିୟୋଗରେ ଶୋକସଭା



ଖଲ୍ଲିକୋଟ,୨୨।୬(ସମିସ): ବେଗୁନିଆପଡା ନୋଡାଲ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ବିୟୋଗରେ ସୋମବାର ଖଲ୍ଲିକୋଟ ଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ମିଶ୍ରଙ୍କ ଗତ ୧୯ ତାରିଖ ରେ ଗମ୍ଭାରୀମୁଣ୍ଡା ହରିଚନ୍ଦନପୁର ଠାରେ ପରଲୋକ ଘଟିଥିଲା। ସ୍ୱର୍ଗତ ଗୋଦାବରୀଶ ମିଶ୍ର ଜଣେ ଧର୍ମ ପରାୟଣା ତଥା ଅତ୍ୟନ୍ତ ବିଦ୍ୱାନ ବ୍ୟକ୍ତି ଥିଲେ। ଖଲ୍ଲିକୋଟ ବାଇକୋଳି ସ୍ମୃତି ପରିଷଦ ତରଫରୁ ତାଙ୍କୁ ଗତବର୍ଷ ବାଇକୋଳି ସମ୍ମାନରେ ସମ୍ମାନିତ କରା ଯାଇଥିଲା।ସେଥିପାଇଁ ତାଙ୍କରି ବିୟୋଗରେ ବାଇକୋଳି ସ୍ମୃତି ପରିଷଦ ପକ୍ଷରୁ ସ୍ଥାନୀୟ ସତ୍ୟସାଇ ଟିଉଟରିଆଲ ପରିସରରେ ଡାକ୍ତର ହରପ୍ରସାଦ ମହାପାତ୍ର ଙ୍କ ସଭାପତିତ୍ୱ ରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।ପଣ୍ଡିତଙ୍କ ଫଟୋରେ ମାଲ୍ୟାର୍ପଣ ପରେ ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ରଥ ଗୀତାପାଠ କରିବା ସହିତ ସ୍ୱର୍ଗତ ମିଶ୍ରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପୀ ଗୁରୁ ବସନ୍ତ କୁମାରୀ ସାମନ୍ତ, ପ୍ରତାପ ମହାପାତ୍ର, ରାମହରୀ ଦାଶ, ନଳିନୀ ପଣ୍ଡା, ପ୍ରମୋଦ ସିଂ ପ୍ରମୁଖ ସ୍ୱର୍ଗତ ଗୋଦାବରୀଶ ମିଶ୍ରଙ୍କ ଶିକ୍ଷା ପ୍ରତି ଅବଦାନ ଓ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ।

## ବେଲଗୁଣ୍ଠାରେ ପିତୃ ଦିବସ



ବେଲଗୁଣ୍ଠା,୨୨।୬(ସମିସ): ରବିବାର ସନ୍ଧ୍ୟାରେ ବେଲଗୁଣ୍ଠାରେ ପବିତ୍ର ପିତୃ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବେଲଗୁଣ୍ଠସ୍ଥ ବଡ ଦାଣ୍ଡରେ ଜୟ ଜଗନ୍ନାଥ ଭଜନ ମଣ୍ଡଳୀ ଆନୁକୁଲ୍ୟରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଓ କଳାକାରମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଙ୍ଗାଧର ଡାକୁଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଶ୍ୟାମ ସୁନ୍ଦର ପଣ୍ଡା ଯୋଗ ଦେଇଥିବା ବେଳେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ରାମକୃଷ୍ଣ ପତି, ବିଶିଷ୍ଟ ସାହିତ୍ୟିକ ମୋତିଲାଲ୍ ପତି, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ରବୀନ୍ଦ୍ର ନାଥ ରଥ, ପବିତ୍ର କୁମାର୍ ସାହୁ, ନାଗେଶ୍ୱର ପାତ୍ର, ବସନ୍ତ କୁମାର ସାହାଣୀ, ପ୍ରଶାନ୍ତ ସାହୁ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ପିତୃ ମଣ୍ଡଳୀ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଦୁଇ ଜଣ ଗୁରୁଙ୍କ ସମେତ ପିତୃ ମଣ୍ଡଳୀଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ। ଶେଷରେ କଳାକାର ମାନଙ୍କ ଦ୍ୱାରା ଭଜନ ପରିବେଷଣ କରିଥିଲେ।

● ବିବାହିତା ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ

## ଅଭିଯୁକ୍ତଙ୍କୁ ବାନ୍ଧିଲା ବେଗୁନିଆପଡ଼ା ପୋଲିସ



ବେଗୁନିଆପଡ଼ା, ୨୨।୬(ସମିସ): ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ଥାନା ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବେଗୁନିଆପଡ଼ା ପୋଲିସ। ରବିବାର ଅପରାହ୍ନରେ କେ ବରିଡା ପଞ୍ଚାୟତର କେ ନିମିନା ଗ୍ରାମର ମହିଳା ଜଣକ ଏନେଇ ବେଗୁନିଆପଡ଼ା ଥାନାର ଦ୍ୱାରସ୍ଥ ହୋଇଥିଲେ। ଏତଲା ପାଇବା ପରେ ବେଗୁନିଆପଡା ପୋଲିସ ସେହି ଗ୍ରାମର ଅଭିଯୁକ୍ତ ସଞ୍ଜୟ ମଲ୍ଲିକଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିଲା। ସୂଚନା ମୁତାବକ ଗତ ୧୫ ଦିନ ତଳେ ମହିଳା ଜଣଙ୍କ ଘର ବାରିପଟେ ବାସନ ସଫା କରୁଥିବା ବେଳେ ଏକୁଟିଆ ପାଇ ମହିଳାଙ୍କୁ ଜୋର୍ ଜବରଦସ୍ତ ଟଣାଓଟରା କରି ଦୁଷ୍କର୍ମ କରିଥିଲା ଅଭିଯୁକ୍ତ ସଞ୍ଜୟ। ମହିଳା ଜଣଙ୍କୁ ଭୟଭୀତ କରାଇ ଘଟଣା କାହାକୁ କହିଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିଲା ଅଭିଯୁକ୍ତ। ଘଟଣା ପରେ ପୁଣି ଶାରୀରିକ ସଂପର୍କ ରଖିବା ପାଇଁ ଚାପ ପକାଇଥିଲେ ଅଭିଯୁକ୍ତ। ଫଳରେ ବାଧହୋଇ ନିଜ ଭାଇଙ୍କ ସହିତ ବେଗୁନିଆପଡ଼ା ଥାନାର ଦ୍ୱାରସ୍ଥ ହୋଇଥିଲେ ପୀଡିତା ମହିଳା। ସୋମବାର ପୀଡିତାଙ୍କ ବୟାନ ରେକର୍ଡ କରିବା ସହ ଏନେଇ କେଶ ନମ୍ବର ୩୩୧ ଅନୁସାରେ ଅଭିଯୁକ୍ତ ସଞ୍ଜୟ ମଲ୍ଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ବେଗୁନିଆପଡା ଥାନା ଅଧିକାରୀ ଭଗବାନ ପୂଜାରୀ ପ୍ରକାଶ କରିଛନ୍ତି।

## ପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ବେଗୁନିଆପଡ଼ା,୨୨।୬(ସମିସ): କୋଦଳା-ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ୍ ବୁରୁଝୁରି ପଞ୍ଚାୟତ ରାଜୀବ ଗାନ୍ଧୀ ସେବା ପରିସରରେ ଗ୍ରାମ ପଞ୍ଚାୟତ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଞ୍ଜନ ବେହେରା, ସରପଞ୍ଚ ବିନୋଦ ଚନ୍ଦ୍ର ଜେନା, ସମିତି ସଭ୍ୟା ସୁଚିତ୍ରା ମାହାଁନ୍ତି ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ସାହୁ, ବେଗୁନିଆପଡା ଥାନା ଅଧିକାରୀ ଭଗବାନ ପୂଜାରୀ, ଗ୍ରାମ୍ୟ ଉର୍ଣ୍ଣୟନ କନିଷ୍ଠ ଯନ୍ତ୍ରୀ ଦିଲ୍ଲୀପ ବେହେରା ଯୋଗ ଦେଇଥିଲେ। ବିଡ଼ିଓ ଅଭିଯୋଗ ଶୁଣାଣୀ ପାଇଁ ଚିଠି କଲେ ମଧ୍ୟ ମୃତ୍ତିକା ସଂରକ୍ଷଣ ଅଧିକାରୀ ଓ ଅତିରିକ୍ତ ମତ୍ସ୍ୟ ଅଧିକାରୀ କେବେ ଯୋଗ ଦେଉନଥିବା ସାଧାରଣ ରେ ଅଭିଯୋଗ ହୋଇଥିଲା। ଏଥିରେ ପିଇଓଏ ସୀମାଞ୍ଚଳ ରେଡି , ଡବ୍ଲୁ ଇ ଓ ସ୍ୱାଗତିକା ରାଉତ,କୃଷି ଅଧିକାରୀ ରାମ ଲାଲ ସାମଦ, ମୃର୍ତ୍ତିକା ସଂରକ୍ଷଣ ଅଧିକାରୀ ସୁବାଶିଷ ପାତ୍ର,ଜଳ ଓ ପରିମଳ ଯନ୍ତ୍ରୀ ଶୁଭଶ୍ରୀ ମହାରଣା, ମମତା ପଣ୍ଡା ଯୋଗାଣ ନିରୀକ୍ଷକ ବାଦଲ ବେହେରା , ବି ଏଲ ସି ଦେବରାଜ ବେହେରା, ବିପିସି ଚନ୍ଦ୍ର ଶେଖର ବେହେରା ରହି ଅଭିଯୋଗ ଶୁଣାଣି କରିଥିଲେ।

## ପୁରୀରୁ ଆସିଲା ରଥ ଉପକରଣ



ବେଲଗୁଣ୍ଠା,୨୨।୬(ସମିସ): ବେଲଗୁଣ୍ଠା ବ୍ଲକ୍ ବେଣୀପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ତ୍ରିବେଣୀ ସଙ୍ଗମରେ ପୂଜା ପାଉଥିବା ଜଗନ୍ନାଥ ଠାକୁରଙ୍କ ପାଇଁ ପୂର୍ବରୁ ରଥ ନଥିଲା। ଦୀର୍ଘ ୩୪ ବର୍ଷ ପ୍ରତୀକ୍ଷାର ଅନ୍ତ ପରେ ଚଳିତ ବର୍ଷ ମହାପ୍ରଭୁଙ୍କ ଶ୍ରୀ ଗୁଣ୍ଡିଚା ଯାତ୍ରା ପାଇଁ ଏକ ଭବ୍ୟ ରଥ ନିର୍ମାଣ ହୋଇଛି। ଏହି ରଥ ନିର୍ମାଣ କାର୍ଯ୍ୟର ଅନ୍ତିମ ସ୍ପର୍ଶ ପାଇଁ କିଛି ରଥ କାଠ ଏବଂ ଧ୍ୱଜା ଯୋଗାଇ ଦେବା ପାଇଁ ପୁରୀ ଶ୍ରୀ ମନ୍ଦିର ପ୍ରଶାସନକୁ ବେଣୀପଲ୍ଲୀ ସରପଞ୍ଚ ଦୁର୍ଗାମାଧବ ନାୟକ ନିବେଦନ ନିବେଦନ କରିଥିଲେ। ଶ୍ରୀ ମନ୍ଦିର ପ୍ରଶାସନ ତରଫରୁ ତ୍ରିବେଣୀ ଆଶ୍ରମର ଜଗନ୍ନାଥଙ୍କ ରଥ ଏବଂ ବେଣୀପଲ୍ଲୀ ସ୍ଥିତ ଗୋପୀନାଥ ସ୍ୱାମୀଙ୍କ ନୂତନ ରଥ ନିମନ୍ତେ ଧ୍ୱଜା, ରଥ କାଠ ଏବଂ ନିର୍ମାଲ୍ୟ ଯୋଗାଇ ଦିଆଯାଇଛି। ଆଜି ଏହି ସାମଗ୍ରୀ ଗୁଡ଼ିକୁ ସ୍ୱସ୍ତି ସୁନ୍ଦର ସିଂ ଗ୍ରହଣ କରି ମନ୍ଦିର ଗୁଡିକୁ ପ୍ରଦାନ କରିଛନ୍ତି। ଏନେଇ ତ୍ରିବେଣୀ ଆଶ୍ରମ ସନ୍ନ୍ୟାସୀ ମହନ୍ତ ଚିଦାନନ୍ଦ ସ୍ୱାମୀ ମହାରାଜ ଏବଂ ମଦନ ଦାସ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି। ଏନେଇ ଉଭୟ ମାଧବରୀଡା ଏବଂ ବେଣୀପଲ୍ଲୀ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି। ଆସନ୍ତା ରଥ ଯାତ୍ରାକୁ ଏକ ଭବ୍ୟ କାର୍ଯ୍ୟକ୍ରମରେ ରୂପାନ୍ତରିତ କରିବା ପାଇଁ ଅଞ୍ଚଳବାସୀ ମନସ୍ଥ କରିଛନ୍ତି। ଏହି ସବୁ କାର୍ଯ୍ୟକ୍ରମରେ ଅଞ୍ଚଳର ଯୁବ ଗୋଷ୍ଠୀ ତଥା ଶ୍ରୀକାନ୍ତ ଡାକୁଆ, କୃଷ୍ଣ ଚନ୍ଦ୍ର ପଟ୍ଟନାୟକ, ମନୋଜ, କାହ୍ନୁ, ନିରଞ୍ଜନ, ସୁରେଶ, ମୃତ୍ୟୁଞ୍ଜୟ ପ୍ରମୁଖ ସହଯୋଗ କରି ଆସୁଛନ୍ତି।

## ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା



ବୁଗୁଡ଼ା,୨୨।୬(ସମିସ): ବିଶ୍ୱ ସଙ୍ଗୀତ ଦିବସ ଉପଲକ୍ଷେ ବୁଗୁଡାର "ସୁର ବସନ୍ତ ସଙ୍ଗୀତ" ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ନିୟୁ ଏରା ପବ୍ଲିକ ସ୍କୁଲ ପ୍ରାଙ୍ଗଣରେ ଏକ ଶାସ୍ତ୍ରୀୟ ସଙ୍ଗୀତ କାର୍ଯ୍ୟକ୍ରମ "ସପ୍ତସ୍ୱର' ଅନୁଷ୍ଠିତ ହୋଇଯାଇଛି। ଏନ୍ଏସି ଅଧକ୍ଷ ଚିତ୍ରସେନ ପ୍ରଧାନ, ସାହିତ୍ୟିକ ଅନନ୍ତ କର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରୀପତି ଦାଶ, ସଙ୍ଗୀତ ନିର୍ଦ୍ଦେଶକ ଶ୍ୟାମପଦ ହୋତା, ସମାଜସେବୀ ରୋଟାରିଆନ୍ ସରୋଜ ଦାସ ଏବଂ ନିୟୁ ଏରା ପବ୍ଲିକ ସ୍କୁଲର ନିର୍ଦ୍ଦେଶକ ଅନିଲ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏ ଅବସରରେ ସୁର ବସନ୍ତ ଅନୁଷ୍ଠାନର ଅଧ୍ୟକ୍ଷା ଝରଣା ବିଶୋୟୀଙ୍କ ପରିଚାଳନାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରାଗ ଭୂପାଳୀ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉକ୍ତ ଶାସ୍ତ୍ରୀୟ ସଙ୍ଗୀତରେ ଗୁରୁ ବିମଳେନ୍ଦୁ ଆଚାର୍ଯ୍ୟ ଏବଂ ଗୁରୁମା ସ୍ୱର୍ଣ୍ଣପ୍ରଭା ଆଚାର୍ଯ୍ୟ ଓ ତବଲାରେ ଅନନ୍ତ ଚରଣ ସାହୁ ସହଯୋଗ କରିଥିଲେ। ଏ ଅବସରରେ ଗୁରୁ ବିମଳେନ୍ଦୁ ଆଚାର୍ଯ୍ୟଙ୍କୁ ଗୁରୁଶ୍ରୀ ଓ ଗୁରୁମା ସ୍ୱର୍ଣ୍ଣପ୍ରଭା ଆଚାର୍ଯ୍ୟଙ୍କୁ ମା' ସରସ୍ୱତୀ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଏଥିସହ ବୁଗୁଡା ଅଞ୍ଚଳରେ ସୁର ବସନ୍ତ ସଙ୍ଗୀତ ଅନୁଷ୍ଠାନ ମାଧ୍ୟମରେ ପିଲାଙ୍କୁ ନିୟମିତ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ସଭାପତି ବସନ୍ତ କୁମାର ବିଶୋୟୀ ଓ ସମ୍ପାଦକ ସୂର୍ଯ୍ୟ ନାରାୟଣ ଆଚାରୀଙ୍କ ସମେତ ସଦସ୍ୟ ତପନ କୁମାର ମହାପାତ୍ର, କେଦାର ନାୟକ,ମନ୍ମଥ ପତ୍ର,ଶ୍ରୀଧର ମିଶ୍ର, ରାଜେନ୍ଦ୍ର ପ୍ରଧାନ, ଜଳନ୍ଧର ନାୟକ ପ୍ରମୁଖ ସହଯୋଗ କରିଥିଲେ। ପରିଶେଷରେ ସ୍ମାଇଲ ଏଣ୍ଟରଟେନମେଣ୍ଟ ତରଫରୁ ଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲା।

● ମାନବ ସେବା ସମିତି ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହ

## ଓଏଏସ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ୩ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ



ଆସିକା,୨୨।୬(ସମିସ): ମାନବ ସେବା ସମିତି, ଏବଂ ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଓ ବରିଷ୍ଠ ନାଗରିକ ସଂଘ, ଆସିକାର ମିଳିତ ଆନୁକୂଲ୍ୟରେ ବାଣୀବିହାର ସ୍ଥିତ ଚିତ୍ତ ବିନୋଦନ କେନ୍ଦ୍ର ପରିସରରେ ପ୍ରତିଭା ସମ୍ମାନ ସମାରୋହକାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାନବ ସେବା ସମିତିର ଆବାହକ ଗଣେଶ ରଥଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଏଏସ୍ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରି ଆସିକା ଅଞ୍ଚଳ ପାଇଁ ଗୌରବ ଆଣିଥିବା ତିନିଜଣ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କ ମଧ୍ୟରେ ଇତିଶ୍ରୀ ଜେନା ଦଶମ ସ୍ଥାନ, ସ୍ନିଗ୍ଧା ସେନାପତି ୬୫ତମ ସ୍ଥାନ ଏବଂ ସ୍ମୃତି ରଞ୍ଜନ ବେହେରା ୧୫୩ତମ ସ୍ଥାନ ଅଧିକାର କରି ସଫଳତାର ସହ କୃତକାର୍ଯ୍ୟ ହୋଇଥିବାରୁ ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରେସ କ୍ଲବ ସଭାପତି ସତ୍ୟ ନାରାୟଣ ରଥ, ଆଇନଜୀବୀ ଦିଲ୍ଲୀପ କୁମାର ପାଣିଗ୍ରାହୀ, ଯୋଗଗୁରୁ ପ୍ରଶାନ୍ତ କୁମାର ଦାଶ, ଆଇନଜୀବୀ ସନ୍ତୋଷ କୁମାର ପାଣିଗ୍ରାହୀ, ଅନିଲ କୁମାର ପାଣିଗ୍ରାହୀ, ବିଦେଶୀ କୁମାର ନାହାକ, ବରିଷ୍ଠ ନାଗରିକ ଏମ୍?. ତାରିଣୀ ସେନାପତି, କାମେଶ୍ୱର ଆଚାରୀ, ଉତ୍ତର ପରିଡ଼ା, ଶିକ୍ଷକ ସୁଶୀଲ କୁମାର ପାତ୍ରଙ୍କ ସମେତ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

## ଗୋଷାଣିରେ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି, ୨୨।୬ (ସମିସ) : ଗଜପତି ଜିଲ୍ଲା ଗୋଷାଣି ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି ।ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁ ପ୍ରମୁଖ ଯୋଗଦାନ କରିଥିଲେ। ଗୋଷାଣି ପଞ୍ଚାୟତ ସମିତିର ସମୁଦାୟ ମୋଟ ୩୨ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା ।ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ୧୮ ଗୋଟି ,ଗ୍ରାମ ଭିତ୍ତିକ ସମସ୍ୟା ୧୪ ଗୋଟି ଅଭିଯୋଗ ଆସିଥିଲା ସେଥି ମଧ୍ୟରୁ ଗୋଟିଏ ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି ।ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୯ ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଥିବା ବେଳେ ୧୨ ଜଣ ଖାଉଟି



କାର୍ଡ ବଣ୍ଟନ, ୫ ଜଣଙ୍କୁ ଅନ୍ତୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ବଣ୍ଟନ,୧୦ ଜଣଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଓ ୧୦ ଜଣ ଅଙ୍ଗନୱାଡ଼ି କର୍ମୀଙ୍କୁ ଆଣ୍ଡରୋଇଡ୍ ମୋବାଇଲ୍ ଫୋନ୍ ଅତିଥିମାନଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ଆଜିର ସମସ୍ତ କାର୍ଯ୍ୟକ୍ରମ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକଙ୍କ ପରିଚାଳନାରେଅନୁଷ୍ଠିତହୋଇଥିବାବେଳେସହକାରୀ ନିର୍ବାହୀ ଯନ୍ତ୍ରୀ ସସ୍ମିତା କୁମାରୀ ଜେନା, ଗ୍ରାମପଞ୍ଚାୟତ ଅଧିକାରୀ ଅଶୋକ ପାତ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁବ୍ରତ ଦାସ ପରିଚାଳନାରେ ସହଯୋଗ କରିଥିଲେ।

## ଗେଞ୍ଜା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ



ସୋରଡ଼ା,୨୨।୬(ସମିସ): ସୋରଡ଼ାରେ ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷର ଶିକ୍ଷା ଆରମ୍ଭ ପୂର୍ବରୁ ଦୀର୍ଘ ଦିନ ହେବ ଖାଲି ଥିବା ପ୍ରଧାନ ଶିକ୍ଷକ ପଦବୀ ପୂରଣ କରି ସମସ୍ତ ବିଦ୍ୟାଳୟରେ ଯଥା ମୁତାବକ ପୂରଣ କରାଯାଇଛି। ଯାହାକି ବିଧାୟକଙ୍କ ଗତ ଗୁରୁଦିବସରେ କଥା ଦେଇଥିବା ବେଳେ କିଛିଦିନ ହେବ ଅବସରନେଇଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ସ୍ୱାଇଁଙ୍କ ସତ ପ୍ରତିଶତ ଶିକ୍ଷକ ପଦବୀ ପୂରଣ କଥା ପାଳନ କରିଛନ୍ତି। ଅନ୍ୟ ବିଦ୍ୟାଳୟ ବ୍ୟତୀତ ଦୁର୍ଗମ ତଥା ଜିଲ୍ଲାର ଅନ୍ତିମ ପଞ୍ଚାୟତ ଗେଞ୍ଜାର ଉର୍ଣ୍ଣିତ ଉଚ୍ଚ ବିଦ୍ୟାଳୟରେ ପ୍ରଥମ କରି ଜଣେ ପ୍ରଧାନ ଶିକ୍ଷୟିତ୍ରୀ ଯୋଗ ଦେଇଥିବା ବେଳେ ଅଞ୍ଚଳର ବୁଦ୍ଧିଜୀବୀ ତଥା ଶିକ୍ଷିତଙ୍କ ଖୁସି କହିଲେ ନ ସରେ। କାରଣ ଅଞ୍ଚଳ ପାଇଁ ଗୌରବ ସହିତ ଅଞ୍ଚଳରେ ପ୍ରଥମ ଆଇଏଏସ ଅଧିକାରୀ ଯୋଗ ଦେଇ ଆଜି ଠାରୁ ବିଭାଗଗୀୟ ଦାୟିତ୍ୱ ନୀର୍ବାହ କରୁଥିବା ବେଳେ ସ୍ଥାନୀୟ ବୁଦ୍ଧିଜୀବୀ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଗଣେଶ ଗୌଡ଼, ରଘୁନାଥ ମଲ୍ଲିକଙ୍କ ସହିତ ଏହି ବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ନାରାୟଣ ଗୌଡ଼ ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପାଟମାଝି, ପୂର୍ବତନ ପ୍ରଧାନ ଶିକ୍ଷକ ଅର୍ସୁଲୁ ସେଠୀ ଓ ଏହି ବିଦ୍ୟାଳୟର ସମସ୍ତ ଶିକ୍ଷକ ପାଛୋଟି ନେଇଥିଲେ। ପ୍ରଥମେ ଅଗ୍ରପୂଜ୍ୟ ଗଣେଶଙ୍କ ନିକଟରେ ପୂଜାର୍ଚ୍ଚନା ସହିତ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ବିଦ୍ୟାଳୟରେ ଯୋଗ ଦେଇଥିବା ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟା ରାଣୀ ନାୟକ ଆଜି ଏହି ବିଦ୍ୟାଳୟର ଦାୟିତ୍ୱ ତୁଲାଇ ଏହି ଅନୁନ୍ନତ ଅଞ୍ଚଳର ଶିକ୍ଷା ବିକାଶ ନେଇ ବେଶ ଆଶାବାଦୀ ଅଛନ୍ତି ଜନସାଧାରଣ। ପୂର୍ବରୁ ସୁଦୂର ରାଜଧାନୀ ନିକଟ ଶିଶୁପାଳ ଗଡ଼ ଜେମାଦେଇ ବିଦ୍ୟାପୀଠରେ ଶିକ୍ଷକତା ଦାୟିତ୍ୱ ନିର୍ବାହ କରୁଥିବା ବେଳେ ଗଞ୍ଜାମ ଓ କନ୍ଧମାଳ ଜିଲ୍ଲା ସୀମାନ୍ତକୁ ବଦଳି ପରେ ନିଜର ଦାୟିତ୍ୱ ବଢ଼ିବା ସହିତ ସ୍ୱଚ୍ଛତା ଏବଂ ସହଭାଗୀତାରେ ସୁଚାରୁ ରୂପେ କାର୍ଯ୍ୟ ତୁଲାଇବା ନେଇ କହିଛନ୍ତି। ଏଠାରେ ଅନଭିଜ୍ଞ ତଥା ନିରକ୍ଷର ଲୋକଙ୍କ ପାଇଁ ଦାୟିତ୍ୱସମ୍ପର୍ଣ୍ଣ କାର୍ଯ୍ୟ ସହ ସଚ୍ଚୋଟତା ଓ କାର୍ଯ୍ୟଦକ୍ଷତାରେ ବେଶ୍ ପରିଚିତ ଥିବା ବେଳେ ନୂତନ ଅଧିକାରୀଙ୍କ ଦାୟିତ୍ୱ ନେଇ ଅଞ୍ଚଳର ଶିକ୍ଷା ସମସ୍ୟା ଓ ଦାୟିତ୍ୱ ସମ୍ପର୍ଣ୍ଣତା ନେଇ ବେଶ୍ ଆଶାବାଦୀ ଅଛନ୍ତି ଜନସାଧାରଣ।

## ଖୁଡ଼ି ହତ୍ୟା ମାମଲା

# ଗିରଫ ପୁତୁରା ଓ ବୋହୂ କୋର୍ଟ ଚାଲାଣ

ଜଗନ୍ନାଥ ପ୍ରସାଦ, ୨୨।୬(ସମିସ)



ଜମିବାଡ଼ି ଭାଗବଣ୍ଟାକୁ କେନ୍ଦ୍ର କରି ଖୁଡିକୁ ନିର୍ମମ ଭାବେ ଗଳା ଚିପି ହତ୍ୟା କରିବା ଘଟଣାରେ ଅଭିଯୁକ୍ତ ପୁତୁରା ଆସନ ଓ ବୋହୂ ରଙ୍ଗବତୀଙ୍କୁ ପୋଲିସ ଗତକାଲି ଅଟକ ରଖିଥିବା ବେଳେ ସୋମବାର ସେମାନଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଦ୍ୱୟ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ ସୂଚନା ଦେଇଛି। ସୂଚନା ଥାଉକି ରବିବାର ରାଉତି ପଞ୍ଚାୟତ ଅଧୀନ ଏକଘରିଆ ପଲ୍ଲୀ ଜରିପଙ୍କାଳ ଗ୍ରାମରେ ଘଟିଥିବା ପାରିବାରିକ ହତ୍ୟାକାଣ୍ଡ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ମୃତକ ଜଣକ ହେଲେ ସ୍ୱର୍ଗତ ସୋମନାଥ ପ୍ରଧାନଙ୍କ ସ୍ତ୍ରୀ ରେବତୀ ପ୍ରଧାନ(୬୦) ।ସୂଚନା ଅନୁଯାୟୀ, ଏକଘରିଆ ପଲ୍ଲୀ ଗ୍ରାମର ମୃତ ରେବତୀ ଓ ତାଙ୍କ ପୁତୁରାଙ୍କ ମଧ୍ୟରେ ଦୀର୍ଘ ଦିନ ହେବ ସମ୍ପତ୍ତି ଭାଗବଣ୍ଟାକୁ ନେଇ କଳହ ଲାଗି ରହିଥିଲା। ଏହି ବିବାଦ ପୂର୍ବରୁ ଗାଁ ସଭା ଓ ପୋଲିସ ଥାନା ପର୍ଯ୍ୟନ୍ତ ମଧ ଯାଇଥିଲା। କିନ୍ତୁ ରବିବାର ସକାଳ ପ୍ରାୟ ୯.୩୦ ସମୟରେ ଏହି ଜମି ବିବାଦ ଉଗ୍ର ରୂପ ନେଇଥିଲା। ରେବତୀ ସ୍ଥାନୀୟ ନାଳ କୁଳ ଘାଇ ତଳ କେନାଲ ନିକଟକୁ ଜଙ୍ଗଲ ଗୁଡ଼ି ପଥର ଗୋଟାଇବାକୁ ଯାଇଥିବା ବେଳେ, ପୁତୁରା ଓ ବୋହୂ ପୂର୍ବ ଯୋଜନା ମୁତାବକ ସେଠାରେ ପହଞ୍ଚିଥିଲେ। ରେବତୀଙ୍କୁ ଏକା ଦେଖି ଏକ ଗାମୁଛା ସାହାଯ୍ୟରେ ତାଙ୍କ ଗଳା ଚିପି ନୃଶଂସ ଭାବେ ହତ୍ୟା କରିଥିଲେ। ଜମି ହଡ଼ପ କରିବା ଉଦ୍ଦେଶ୍ୟରେ ହିଁ ଏହି ଯୋଜନାବଦ୍ଧ ହତ୍ୟାକାଣ୍ଡ ଭିଆଯାଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ ଓ ମୃତ ରେବତୀଙ୍କ ନାତି କୈଳାସ ପ୍ରଧାନ ଜଗନ୍ନାଥପ୍ରସାଦ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ କେଶ ନମ୍ବର ୨୪୪/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ପୋଲିସ।

# ମାନସିକ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା



ଜି ଉଦୟଗିରି,୨୨।୬(ସମିସ): ବିଏନଆଇ (ବେଙ୍ଗାଲୁରୁ) ସହାୟତାରେ ଅଗ୍ରଣୀ ସେଚ୍ଛାସେବୀ ସଂଗଠନ ସ୍ୱାତୀ ଆନୁକୂଲ୍ୟରେ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପାବୁରିଆ ଠାରେ ମାନସିକ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା ପାଳିତହୋଇ ଯାଇଅଛି। ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଜି ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିବା ବେଳେ ଡ଼. ଜ୍ୟୋତି ରଞ୍ଜନ ଜେନା ସୁପରିନ୍‌ଟେଣ୍ଡେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଟିକାବାଲି, ଡ଼.ମାନସ ରଞ୍ଜନ ସାହୁ ସ୍ୱାସ୍ଥ୍ୟ ଅଧିକାରୀ ପାବୁରିଆ।ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ବିଭାଗର ମାଳତୀ ବେହେରା, ପ୍ରେସ କ୍ଲବ୍ ଜି . ଉଦୟଗିରିର ସଭାପତି ରାମକୃଷ୍ଣ ଚୌଧୁରୀ, ସାମ୍ବାଦିକ ବଟକୃଷ୍ଣ ଦାସ, ପ୍ରତାପ ଚନ୍ଦ୍ର ପାଢ଼ୀ ଓ ଦୁର୍ଗାମାଧବ ପଟ୍ଟନାୟକ ଯୋଗ ଦେଇ ଥିଲେ ଇଂ.ହରିଶଙ୍କର ରାଉତ ସଂପାଦକ ସ୍ୱାତୀ କନ୍ଧମାଳଙ୍କ ସହିତ ସଞ୍ଜୟ ନାୟକ ସରପଞ୍ଚ ପାବୁରିଆ, ସଲିମା ପ୍ରଧାନ ସରପଞ୍ଚ ବୁର୍ବିନାଜୁ ଯୋଗ ଦେଇଥିଲେ। ଏଥିସହିତ ସିଏଚ୍‌ଓ ପ୍ରଗତିକା ସାହୁ ଗୁଟିଙ୍ଗିଆ, ସିଏଚ୍‌ଓ ଶୁଭଲକ୍ଷ୍ମୀ ବେହେରା ପାଢ଼ାଙ୍ଗି, ଏବ ସିଏଚ୍‌ଓ ଅଞ୍ଜଳି ଦିଗାଲ ପାବୁରିଆ ଯୋଗଦେଇ ସମ୍ପୂର୍ଣ୍ଣ କାର୍ଯ୍ୟକୁ ସହଯୋଗ କରି ଥିଲେ। ପାଞ୍ଚ ଗୋଟି ଗ୍ରାମ ପଞ୍ଚାୟତରୁ ୮୮ ଜଣ ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ, ଏବଂ ଯତ୍ନକାରି ଯୋଗଦେଇଥିଲେ। ଶେଷରେ ଇଂ ହରିଶଙ୍କର ରାଉତ ସ୍ୱାତୀ ବର୍ତ୍ତମାନ ସମାଜରେ ଘଟି ଯାଉଥିବା ସ୍ଥିତି ଉପରେ ଆଲୋକ ପାତ କରିଥିଲେ। ଶେଷରେ କର୍ମଶାଳା ତରଫରୁ ହେମା ମାଳିନୀ ପ୍ରଧାନ ଆଶା କର୍ମୀ ପାବୁରିଆଙ୍କୁ ମାନସିକ ସ୍ୱାସ୍ଥ୍ୟ ସେବା କାର୍ଯ୍ୟରେ ସହଯୋଗ କରିବା ନିମନ୍ତେ ଏବଂ ବସନ୍ତ ବୁର୍ଗି ପାବୁରୀଆଙ୍କୁ ଟ୍ରାଫିକ ସେବା କରିବା ନିମନ୍ତେ ସମ୍ମାନିତ କରା ଯାଇଥିଲା। ସମ୍ପୂର୍ଣ୍ଣ କାର୍ଯ୍ୟ କର୍ମକୁ ଗିରିଶ ଚନ୍ଦ୍ର ସାମଲ ପରିଚାଳନା କରିଥିବା ବେଳେ ଆଲୋକ ସାମନ୍ତରାଏ ଧନ୍ୟବାଦ ଅର୍ପଣ କରିଥିଲେ।

## ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ

# ଆସିଲେନି ଚାଷୀ; ଅଧିକାଂଶ ଚେୟାର ଫାଙ୍କା

ବାଲିଗୁଡ଼ା,୨୨।୬(ସମିସ):



କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ କାର୍ଯ୍ୟାଳୟ ଠାରେ ବିକାଶ ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଚଳିତ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ହୋଇଥିବା ବିକାଶକୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସୋମବାର ଦିନ କୃଷି ବିଭାଗ ତରଫରୁ ପ୍ରାକୃତିକ ଓ ପ୍ରଗତିଶୀଳ କୃଷିକୁ ନେଇ ଏକ ଆଲୋଚନା ଓ କର୍ମଶାଳା ଅନୁଷ୍ଠିତ ହୋଇଥିଲା। କିନ୍ତୁ ଦୁଃଖର ବିଷୟ ଯାହା ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ସେମାନଙ୍କ ସଂଖ୍ୟା ଅତି କମ ରହିଥିଲା। ବାଲିଗୁଡ଼ା ବ୍ଲକରେ ୧୭ଟି ପଞ୍ଚାୟତ ଥିଲେ ମଧ୍ୟ ୧୭ଟି ପଞ୍ଚାୟତରୁ ହାତ ଗଣତି ୩୦ ରୁ ୪୦ ଜଣ ଚାଷୀଙ୍କୁ ଦେଖିବାକୁ ମିଳିଥିଲା। ତେବେ ଏହି ବିଷୟରେ କାର୍ଯ୍ୟକ୍ରମ ପରିଚାଳନା କରୁଥିବା ଗୋଷ୍ଠୀ କୃଷି ଅଧିକାରୀ ଜଗନ୍ନାଥ ସେନାପତିଙ୍କୁ ପଚାରିବାରୁ ବେଖାତିର ଭାବେ ବର୍ଷା ଯୋଗୁଁ ଚାଷୀ ଆସିଲେନି ବୋଲି କହି କଥାକୁ ଏଡ଼ାଇ ଦେଇଥିଲେ। ତେବେ ପ୍ରଶ୍ନ ହେଉଛି ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ହେଉଥିବା କାର୍ଯ୍ୟକ୍ରମ କାହାପାଇଁ। ଏହା ପୂର୍ବରୁ ମଧ୍ୟ କୃଷି ବିଭାଗର ଏହି ଭଳି କାର୍ଯ୍ୟକ୍ରମ ରେ ଚାଷୀ ମାନଙ୍କ ଦେଖା ମିଳି ନଥିବା ଦେଖିବାକୁ ମିଳିଥିଲା।ଯଦି ଉପଯୁକ୍ତ ଚାଷୀ ପ୍ରାକୃତିକ ଓ ପ୍ରଗତିଶୀଳ କୃଷି ଆଲୋଚନାର ଲାଭ ପାଇ ପାରିବେ ନାହିଁ ତେବେ ଏହି କାର୍ଯ୍ୟକ୍ରମର ପ୍ରହସନ କ'ଣ ପାଇଁ ବୋଲି ସାଧାରଣରେ ଆଲୋଚନା ଜୋର ଧରିଛି।

# ଫିରିଙ୍ଗିଆରେ ବ୍ଲକ୍‌ସ୍ତରୀୟ କୃଷକ ସମ୍ବାଦ କାର୍ଯ୍ୟକ୍ରମ

ଫିରିଙ୍ଗିଆ,୨୨।୬(ସମିସ): ସାରା ରାଜ୍ୟରେ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲା ମୁଖ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ ମୁଖ୍ୟାଳୟ ପର୍ଯ୍ୟନ୍ତ ସବୁଠି ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ରାଜ୍ୟ ସରକାରଙ୍କ ବିକାଶର ଧାରାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିବା ବେଳେ ଅନୁରୂପ ଭାବରେ ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟ ଠାରେ ମଧ୍ୟ ରାଜ୍ୟ ସରକାରଙ୍କ ଏହି ବିକାଶର ଧାରା ଓଡିଶା ସାରା ଅଧୀନରେ ଦ୍ୱିତୀୟ ଦିନରେ ବ୍ଲକସ୍ତରୀୟ କୃଷକ ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଉଯାଇଛି।ତେବେ ସୋମବାର ବ୍ଲକ ପ୍ରଶାସନ ଦ୍ୱାରା ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମ ଶୀର୍ଷକ ପ୍ରାକୃତିକ ଓ ପ୍ରଗତିଶୀଳ କୃଷି ରହିଥିବା ବେଳେ ଏହି ବିଷୟରେ ଆଲୋଚନା ଓ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରାଙ୍କ ଅଧକ୍ଷତା ଓ ଗୋଷ୍ଠୀ କୃଷି ଅଧିକାରୀ ସଞ୍ଜୟ କୁମାର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାରତୀୟ ଜନତା ପାର୍ଟିର ଜିଲ୍ଲା ଉପସଭାପତି ଗୋଲାକ ବିହାରୀ କହଁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ଫିରିଙ୍ଗିଆ ବ୍ଲକର କୃଷକ ମୋର୍ଚ୍ଚା ସଭାପତି ଗୋଲକ ପ୍ରଧାନ, ଫିରିଙ୍ଗିଆ ମଣ୍ଡଳ ମହିଳା ମୋର୍ଚ୍ଚା ସଭାପତି ଲୀଳାବତୀ ଦିଗାଳ, ନୂଆପଦର ମଣ୍ଡଳ ସମ୍ପାଦକ ଅକ୍ଷୟ କର୍ଣ୍ଣ, ବିଧାନସଭା ଏସଆଇଅର କମିଟି ସଦସ୍ୟ ପ୍ରଦୀପ ସାହୁ, ବିଜେପି ମହିଳା ନେତ୍ରୀ କମଳିନୀ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଗୋଷ୍ଠୀ ପଶୁ ସମ୍ପଦ ଅଧକାରିଣୀ ଅନୁରାଧା ଝାଙ୍କର, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଡାକ୍ତର ଅଭିଷେକ ନନ୍ଦ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ସିଦ୍ଧାନ୍ତ ପାଣିଗ୍ରାହୀ, ସହକାରୀ କୃଷି ଅଧକାରୀ ନୂଆପଦର ଆଶୁତୋଷ ସାହୁ, ଫିରିଙ୍ଗିଆ ସହକାରୀ କୃଷି ଅଧିକାରୀ ରିଆ ହାଲଦାର, ସହକାରୀ ମାଛ ଚାଷ ଅଧିକାରୀ ଦିଲ୍ଲୀପ କୁମାର ଓଝା, ଉଦ୍ୟାନ କୃଷି ଓଭରସର ବିଶ୍ୱଜିତ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ରହି ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ନିଜନିଜ ବିଭାଗ ଦ୍ୱାରା ସରକାରଙ୍କ ତରଫରୁ ଦିଆଯାଉଥିବା ସୁବିଧା ସୁଯୋଗ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଫିରିଙ୍ଗିଆ ବ୍ଲକର ଶତାଧିକ ଛୋଟ ବଡ଼ ଚାଷୀ ଉପସ୍ଥିତ ଥିଲେ।

# 'ବାପା ଜ୍ଞାନ ଓ ବଞ୍ଚିବା ଶିକ୍ଷା ସୂତ୍ର ଦେଇଥାନ୍ତି'



ପାରଳାଖେମୁଣ୍ଡି, ୨୨।୬ (ସମିସ) : ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ୟୁଟେକ୍ କମ୍ପ୍ୟୁଟର ପ୍ରଶିକ୍ଷଣ ପରିସରରେ ପ୍ରଗତି ମହିଳା ସଙ୍ଗଠନ ଆନୁକୂଲ୍ୟରେ ରବିବାର ସନ୍ଧ୍ୟା ସମୟେ ଆନ୍ତର୍ଜାତିକ ପିତୃ ଦିବସ ପାଳନ ହୋଇସାରିଛି। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଉପଦେଷ୍ଟା ତଥା ପ୍ରାକ୍ତନ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ମୁଖ୍ୟ ବକ୍ତା ଭାବେ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଇଁରେଜି ବିଭାଗର ମୁଖ୍ୟ ଅଧାପିକା କୋମଲ ଶୀଖା ମଲ୍ଲିକ, ସମ୍ମାନିତ ବକ୍ତା ଭାବେ ଅଧିବକ୍ତା ଇତିଶ୍ରୀ ମହାପାତ୍ର ଯୋଗ ଦେଇଥିଲେ। ସମସ୍ତ ଅତିଥି ମାନେ ନିଜ ନିଜ ବକ୍ତବ୍ୟରେ କହିଥିଲେ ମା'ଟି ନିଜ ସନ୍ତାନକୁ ଦୁନିଆ ର ଆଲୋକ ଦେଖାଉଥିବା ବେଳେ ବାପା ତାକୁ ନିଜେ ବଞ୍ଚି, ସମାଜକୁ ସୁସ୍ଥ ଓ ସୁନ୍ଦର ରଖିବାର ସୂତ୍ର ଶିଖାଇ ଥାଏ। ପ୍ରାରମ୍ଭରେ ପ୍ରଗତି ମହିଳା ସଙ୍ଗଠନର ସମ୍ପାଦିକା ତନୁଜା ଶତପଥୀ କାର୍ଯ୍ୟକ୍ରମର ପ୍ରାକ୍ ସୂଚନା ଦେଇଥିଲେ।ଅନୁଷ୍ଠାନର ସଭାପତି ଲୋକନାଥ ମିଶ୍ର ପିତୃ ଦିବସ ପାଳନର ଲକ୍ଷ୍ୟ ଓ ଆଭିମୁଖ୍ୟ କହିଥିବା ବେଳେ ଭାଗବତ ପାଢ଼ୀ ଓ ହରିମୋହନ ପଟ୍ଟନାୟକ ଉତ୍ତମ ପିତାର ଲକ୍ଷଣ ଏବଂ ପୂଜ୍ୟପୂଜା ର ଭାରତୀୟ ଜାତୀୟ ସଂସ୍କୃତିର ବିକାଶ ଦିଗରେ ଆମ ମାନଙ୍କର କର୍ତ୍ତବ୍ୟ ସମ୍ପର୍କରେ କହିଥିଲେ। ଅଧାପକ ଆର୍ତ୍ତତ୍ରାଣ ଚଇନି, ଡାଇଟ ଅଧକ୍ଷ ଡାକ୍ଟର ମୁର୍ମୁ, ବିନୋଦିନୀ କଲେଜ ଅଧକ୍ଷ ମନୋଜ ପଟ୍ଟନାୟକ, ସେବା ନିବୃତ୍ତ ପ୍ରଧାନ ଶିକ୍ଷକ ମନୋଜ ପଣ୍ଡା, ସେବା ନିବୃତ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରାମଚନ୍ଦ୍ର ପାଢ଼ୀ ପ୍ରମୁଖ ନିଜର ବକ୍ତବ୍ୟରେ ପିତୃତ୍ୱର ମହାନତା ବିଷୟରେ ଅବଗତ କରାଇଥିଲେ। ପିତା ପରିବାରର ମେରୁଦଣ୍ଡ ସମ୍ପର୍କରେ ଆଧାରିତ ଓଡ଼ିଆ ଓ ଇଂରାଜୀ ଭାଷାରେ ତର୍କରେ ଯେଉଁମାନେ ବିଜୟୀ ହୋଇଥିଲେ ସେମାନଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ଦେଇ ସମ୍ବର୍ଦ୍ଧନା ଦିଆ ଯାଇଥିଲା। କାର୍ଯ୍ୟକ୍ରମକୁ ଶରତ ଚନ୍ଦ୍ର ପ୍ରଧାନ, ପଲକ୍ ପାତ୍ର, ଚାନ୍ଦିନୀ ସାହୁ, ସାଇସ୍ମିଗ୍ଧା ପଟ୍ଟନାୟକ, ସୁନୀତା ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ପାୟଲ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ■ ଫିରିଙ୍ଗିଆ ବ୍ଲକରେ ଜନପ୍ରତିନିଧିଙ୍କୁ ଅଣଦେଖା

# ବିଡିଓଙ୍କୁ ଦାବିପତ୍ର ଦେଲା ବ୍ଲକ୍ ସରପଞ୍ଚ ସଂଘ

ଫିରିଙ୍ଗିଆ,୨୨।୬(ସମିସ): ଫିରିଙ୍ଗିଆ ବ୍ଲକରେ ବିଭିନ୍ନ ଉର୍ନ୍ନୟନମୂଳକ କାର୍ଯ୍ୟରେ ଜନପ୍ରତିନିଧିମାନଙ୍କୁ ବ୍ଲକ ପ୍ରଶାସନ ଅଣ ଦେଖା କରିବା ସହ କୌଣସି କାର୍ଯ୍ୟ ଜନପ୍ରତିନିଧିମାନଙ୍କ ଅଜାଣତରେ ଓ ନିଜ ଇଚ୍ଛାରେ କାର୍ଯ୍ୟର ବିଲ କରୁଥିବା ନେଇଁ ଜନପ୍ରତିନିଧିମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଯାହାକୁ ନେଇଁ ଦୀର୍ଘ ଦିନରୁ ଫିରିଙ୍ଗିଆ ବ୍ଲକରେ ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ସରପଞ୍ଚ, ସମିତି ସଭ୍ୟ ବାରମ୍ବାର ସମିତି ବୈଠକ ସହ ବିଭିନ୍ନ କାର୍ଯ୍ୟକ୍ରମକୁ ବର୍ଜନ କରିଛନ୍ତି। ଅପରପକ୍ଷେ ଆଲୋଚନା ପାଇଁ ବାରମ୍ବାର ସ୍ଥାନୀୟ ବିଡ଼ିଓଙ୍କୁ ଦାବି କରିଥିଲେ ମଧ୍ୟ ବ୍ଲକ ପ୍ରଶାସନ ତରଫରୁ ଏହାକୁ କୌଣସି ଗୁରୁତ୍ୱ ଦେଉନଥିବା ବେଳେ ଏବେ ଜନପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ଯାହାକୁ ନେଇଁ ଫିରିଙ୍ଗିଆ ପଞ୍ଚାୟତ ସମିତିର ସମସ୍ତ ଜନପ୍ରତିନିଧି ମାନଙ୍କୁ ଅଣଦେଖା ହେତୁ ସରକାରଙ୍କ ସମସ୍ତ କାର୍ଯ୍ୟରେ ଅସହଯୋଗ ନିମନ୍ତେ ବ୍ଲକ ସରପଞ୍ଚ ସଂଘ ଫିରିଙ୍ଗିଆ ତରଫରୁ ସ୍ଥାନୀୟ ବିଡ଼ିଓ ଅନୁପ ଅଭିଷେକ ବେହେରା ଙ୍କୁ ଲିଖିତ ଦାବୀ ପତ୍ର ପ୍ରଦାନ କରିବା ସହ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଅବଗତ କରିବେ ବୋଲି ସୂଚନା ଦେଇଛନ୍ତି। ତେବେ ସଂଘର ସୂଚନା ପ୍ରକାରେ ଫିରିଙ୍ଗିଆ ପଞ୍ଚାୟତ ସମିତିର ଜନପ୍ରତିନିଧି ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟମାନେ ବ୍ଲକ ପ୍ରଶାସନ ଅଣଦେଖା କରୁଥିବା ହେତୁ ବିଗତ ଦିନରେ ସମିତି ବୈଠକ ଓ ବିଭିନ୍ନ ବୈଠକ ବର୍ଜନ ସହ ଅସହଯୋଗ କରିଥିଲେ କିନ୍ତୁ ବ୍ଲକ ପ୍ରଶାସନ କୌଣସି ଗୁରୁତ୍ୱ ନ ଦେଇ ସମାଧାନ ପନ୍ଥା ବାହାର କରିବା ପରିବର୍ତ୍ତେ ଆଲୋଚନା ମଧ୍ୟ କଲେ ନାହିଁ। ତେଣୁ ବାଧ୍ୟ ହୋଇ ସଂଘ ତରଫରୁ ଆଲୋଚନା କରି ଯେଉଁ ପର୍ଯ୍ୟନ୍ତ ବ୍ଲକ ପ୍ରଶାସନ ଏହାର ସମାଧାନର ପନ୍ଥା ବାହାର କରି ନାହାନ୍ତି ସେ ପର୍ଯ୍ୟନ୍ତ ସରକାରଙ୍କ ସମସ୍ତ କାର୍ଯ୍ୟରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅସହଯୋଗ ନିଷ୍ପତ୍ତି ଗ୍ରହଣ କରିବା ସହ ସଂଘ ତରଫରୁ ଲିଖିତ ଦାବି ଉପସ୍ଥାପନା କରିଛନ୍ତି। ଅନ୍ୟ ପଟେ ଜନପ୍ରତିନିଧିଙ୍କ ଅସହଯୋଗ ହେତୁ ବିଭିନ୍ନ ବିଲ ଠିକ ଭାବରେ ହୋଇ ପାରୁନାହିଁ ଯାହାଦ୍ୱାରା ଠିକରେ କାର୍ଯ୍ୟ କରିଥିବା ଠିକାଦାର ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି।

# ଦୁଇ ବାଇକ୍ ଧକ୍କା; ଜଣେ ମୃତ, ଜଣେ ଗୁରୁତର

ଫିରିଙ୍ଗିଆ, ୨୨।୬(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବନ୍ଧଗଡ଼ ପଞ୍ଚାୟତ ପିକରଡ଼ି ଛକ ନିକଟରେ ଦୁଇ ବାଇକ ଧକାରେ ଜଣେ ବାଇକ ଆରୋହୀଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଏକ ବାଇକ ଆରୋହୀ ଗୁରୁତର ହୋଇଥିବା ଜଣାପଡିଛି। ପ୍ରାପ୍ତସୂଚନା ଅନୁସାରେ ଗତକାଲି ରବିବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ବନ୍ଧଗଡ଼ ପଟୁ ନିଜ ଗ୍ରାମ ସାରଙ୍ଗଡ ଥାନା ଅଧୀନ ବଣ୍ଡଗୁଡା ଗାଁକୁ ନିଜ ବାଇକରେ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ ସହ ଧକ୍କା ହୋଇଥିଲା ଘଟଣା ସ୍ଥଳରେ ଦୁଇ ବାଇକ ରେ ଯାଉଥିବା ଦୁଇ ଜଣ ଆରୋହୀ ଗୁରୁତର ଅବସ୍ଥାରେ ପଡି ରହିଥିଲେ। କିଛି ଲୋକେ ଏହି ଘଟଣା ଦେଖିବା ପରେ ଫିରିଙ୍ଗିଆ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ଉଭୟ ଆହତକୁ ଫିରିଙ୍ଗିଆ ମେଡିକାଲ ପହଞ୍ଚାଇଥିବା ବେଳେ ମେଡିକାଲରେ ଜଣଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ। ଅନ୍ୟ ଜଣକୁ ତୁରନ୍ତ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ମୃତ ବ୍ୟକ୍ତି ଜଣକ ସାରଙ୍ଗଡ ଥାନା ଅଧୀନ ବଣ୍ଡ ଗୁଡା ଗାଁର ଜୟସେନ ଦଳ ବେହେରା (୪୫)। ସେ କୌଣସି କାମରେ ଫିରିଙ୍ଗିଆ ଆସି କାମ ସାରି ନିଜ ଗ୍ରାମକୁ ଫେରୁଥିବା ସୂଚନା ମିଳିଛି। ଅନ୍ୟପଟେ ଏହି ଘଟଣାରେ ଅନ୍ୟ ବାଇକ ଆରୋହୀ ବର୍ତମାନ ମେଡିକାଲ ରେ ଚିକସ୍ଚାଧୀନ ଥିବାବେଳେ ଆହତଙ୍କ ପ୍ରକୃତ ସୂଚନା ମିଳି ପାରିନାହିଁ। ମେଡିକାଲରେ ଫିରିଙ୍ଗିଆ ପୋଲିସ ପହଞ୍ଚି ମୃତଦେହକୁ ପଞ୍ଚନାମା ପରେ ବ୍ୟବଛେଦ ପାଇଁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ବେଳେ ଏକ ଦୁର୍ଘଟଣା ଜନିତ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚାଲୁ ରହିଥିବା ଫିରିଙ୍ଗିଆ ଥାନା ଅଧିକାରୀ ମୁରଲୀ ଧର ସାହୁ ସୂଚନା ଦେଇଛନ୍ତି।

# ପୋକ୍‌ସୋ ଆଇନ, ପୀଡ଼ିତ କ୍ଷତିପୂରଣ ଯୋଜନା ଓ ମୌଳିକ କର୍ତ୍ତବ୍ୟ ସମ୍ପର୍କିତ ସଚେତନତା




ପାରଳାଖେମୁଣ୍ଡି, ୨୨।୬ (ସମିସ) : ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରା ଜଜ୍ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ପ୍ରାଧିକରଣର ସଚିବ ବିମଳ ରାଉଳଙ୍କ ସଭାପତିତ୍ୱରେ ଗୋଷାଣି ବ୍ଲକ ଅନ୍ତର୍ଗତ ଗୁରାଣ୍ଡି ସ୍ଥିତ ଏସ୍‌କେସିଜି. ଉଚ୍ଚ ବିଦ୍ୟାଳୟ ପରିସରରେ ପୋକ୍‌ସୋ ଆଇନ, କିଶୋର ନ୍ୟାୟ, ଶିଶୁଙ୍କ ଯତ୍ନ ଓ ସୁରକ୍ଷା ଆଇନ ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗଜପତି ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ ମିଶ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଏନ୍. ବିମଳ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ଓ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ। ସେହିପରି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟର ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ରହି ଶିଶୁ ସୁରକ୍ଷା, ମହିଳା ସଶକ୍ତିକରଣ ଓ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟକ ଲୋକ ଯୋଗଦେଇଥିଲେ। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ କରୁଣା ଶ୍ରୀରାମ ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ବିଧାୟକଙ୍କ ନିକଟରେ ଗୁହାରିକଲେ ଗଦିଙ୍ଗିଆ ଗ୍ରାମବାସୀ

ଜି.ଉଦୟଗିରି,୨୨।୬(ସମିସ): କନ୍ଧମାଳ ଜିଲ୍ଲାର ଏକ ଦୁର୍ଗମ ଗ୍ରାମ 'ଗଦିଙ୍ଗିଆ' ଆଜି ବି ମୌଳିକ ସୁବିଧାରୁ ବଞ୍ଚିତ ଓ ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ କଳିଙ୍ଗା ଗ୍ରାମ ପଞ୍ଚାୟତର ୧ ନମ୍ବର ୱାର୍ଡରେ ଅବସ୍ଥିତ ଏହି ଗ୍ରାମରେ ୪୦ରୁ ଅଧିକ ଅନୁସୂଚିତ ଜାତି ଓ ଜନଜାତି ପରିବାର ବସବାସ କରୁ ଛନ୍ତି। ବିଧାୟକ ପ୍ରଫୁଲ ଚନ୍ଦ୍ର ପ୍ରଧାନ ଗଦିଙ୍ଗିଆ ଠାରେ ପହଞ୍ଚିବା ଗ୍ରାମବାସୀମାନେ ବିଧାୟକଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଗ୍ରାମ ବାସୀ ତିନୋଟି ମୁଖ୍ୟ ଦାବି ଭାବେ ପକ୍କା ରାସ୍ତା ନିର୍ମାଣ, ସୋଲାର ପାଣି ଟାଙ୍କି ସ୍ଥାପନ ଏବଂ ସୋଲାର ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ଉପସ୍ଥାପନା କରିଥିଲେ ଓ ଚଳିତ ମାସ ଜୁନ୍ ୨ତାରିଖରେ କନ୍ଧମାଳ ଜିଲ୍ଲାପାଳ ମହୋଦୟ ମଧ୍ୟ ଗଦିଙ୍ଗିଆ ଗ୍ରାମ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ତହସିଲଦାର ସମୁଦ୍ର ମିଶ୍ର, ସମାଜସେବୀ ଆମନ ଚନ୍ଦ୍ର ନାୟକ, ବିଧାୟକଙ୍କ ପ୍ରତିନିଧି ମଧୁଲିନା ଦିଗାଲ, ଗୋପାଳ ନାୟକ,ଉତ୍ସବ ପ୍ରଧାନଙ୍କ ସମେତ ଗଦିଙ୍ଗିଆ ଗ୍ରାମବାସୀ ଉପସ୍ଥିତ ଥିଲେ

# ୨୨ କିଲୋ ଗଞ୍ଜେଇ ଜବତ; ଜଣେ ଗିରଫ

ଫିରିଙ୍ଗିଆ,୨୨।୬(ସମିସ): କନ୍ଧମାଳ ଜିଲ୍ଲା ଏସପିଙ୍କ ନିର୍ଦ୍ଦେଶ କ୍ରମେ ଗୋଛାପଡା ଥାନା ପୋଲିସ ଜଣେ ଗଞ୍ଜେଇ ଚାଲାଣକାରୀକୁ ଗିରଫ କରିବାରେ ସଫଳ ହୋଇଥିବା ବେଳେ ତା ପାଖରୁ ୨୨ କିଲୋ ଗଞ୍ଜେଇ ଓ ଗୋଟିଏ ମୋବାଇଲକୁ ଜବତ କରିଛି। ଗିରଫ ଅଭିଯୁକ୍ତ ଜଣକ ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ବାତେପାଙ୍ଗା ଗାଁର ସୁବୋଧ କହଁର ବୋଲି ଜଣାପଡିଛି। ପୋଲିସ ସୂଚନା ଅନୁସାରେ ରବିବାର ଜଣେ ବ୍ୟକ୍ତି ଗଞ୍ଜେଇ ଚାଲାଣ କରିବା ପାଇଁ ଗୋଛାପଡା ଥାନା ଗଙ୍ଗଲଡକା ଛକ ନିକଟରେ ଅପେକ୍ଷା କରିଥିବା କୌଣସି ଏକ ବିଶେଷ ସୂତ୍ରରୁ ପୋଲସକୁ ଖବର ମିଳିଥିଲା। ଖବର ପାଇବା ପରେ ଥାନା ଅଧିକାରୀ ଶୁଭ୍ରଜିତ ସାମନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ ଥାନାରେ କାର୍ଯ୍ୟରତ ଏସଆଇ ଅନନ୍ତ ପ୍ରଧାନ ଓ ଏସଆଇ ଅଶୋକ ପରିଡାଙ୍କ ନେତୃତ୍ୱରେ ଏକ ଟିମ ଗଙ୍ଗଲଡକା ଛକ ନିକଟରୁ ଗଞ୍ଜେଇ ସହ ଚାଲାଣ କାରୀକୁ ଧରିବାରେ ସଫଳ ହୋଇଥିଲେ। ପରେ ଘଟଣାସ୍ଥଳରେ ଜବତ ଗଞ୍ଜେଇକୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଫିରିଙ୍ଗିଆ ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ମହାନନ୍ଦିଆଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା। ଅନ୍ୟପଟେ ଘଟଣାକୁ ନେଇ ଗୋଛାପଡା ଥାନାରେ ୯୯/୨୦୨୬ ରେ ଏକ ମାମଲା ରୁଜୁକରି ଗଞ୍ଜେଇ ସହ ଚାଲାଣକାରୀକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶୁଭ୍ରଜିତ ସାମନ୍ତରାଏ ସୂଚନା ଦେଇଛନ୍ତି।

# ବର୍ଦ୍ଧିତ ଭତ୍ତା ପାଇଁ ବାରଦ୍ୱାର ବୁଲୁଛନ୍ତି ଭିନ୍ନକ୍ଷମ କୁରୁମା

## ଜିଲ୍ଲାପାଳଙ୍କୁ ଭେଟି ଗୁହାରି କଲେ

ପାରଳାଖେମୁଣ୍ଡି, ୨୨।୬ (ସମିସ):



ସରକାରଙ୍କ ୮୦ ପ୍ରତିଶତ ଭିନ୍ନକ୍ଷମ ଭତ୍ତା ଘୋଷଣା, ଘୋଷଣାରେ ସୀମିତ ରହିଛି। ପ୍ରକୃତ ହିତାଧିକାରୀଙ୍କୁ ବର୍ଦ୍ଧିତ ଭିନ୍ନକ୍ଷମ ଭତ୍ତା ମିଳୁନଥିବା ବେଳେ ଆଂଶିକ କିମ୍ବା ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କ ଛତ୍ରଛାୟାରେ ରହୁଥିବା ହିତାଧିକାରୀଙ୍କୁ ମିଳୁଥିବାର ଅଭିଯୋଗ ହୋଇଛି। ଡବଲଇଞ୍ଜିନ ସରକାରଙ୍କ ନିର୍ବାଚନୀ ଇସ୍ତାହାରରେ ଶରୀରର ଶତକଡା ୮୦ ପ୍ରତିଶତ ଭିନ୍ନକ୍ଷମ ଥିଲେ ୩୫୦୦ ଟଙ୍କା ପ୍ରଦାନ କରାଯାଇଥିଲା। ନିର୍ବାଚନ ପରେ ସରକାର କ୍ଷମତାରେ ରହି ଦୁଇବର୍ଷ ପୁରଣ ହୋଇଯାଇଛି। ଆଉ ଶାସନର ଏହି ଦୁଇ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ବ୍ୟାପୀ ଉତ୍ସବ ପାଳନ କରାଯାଉଛି । ହେଲେ ଆଜି ଏପରି ଜଣେ ଦିବ୍ୟାଙ୍ଗ ଗଜପତି ଜିଲ୍ଲା ଗୋଷାଣି ବ୍ଲକ ସଦରମହକୁମା ଠାରେ ହୋଇଥିବା ପ୍ରଶାସନର ଗ୍ରାମ୍ୟମୁଖୀ ଅଭିଯୋଗ ଶୁଣାଣିକୁ ନିଜ ପିତାଙ୍କ ସହ ଆସିଥିଲେ। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବ୍ଲକ କାର୍ଯ୍ୟାଳୟର ଉପର ମହଲାରେ ଥିବା ସମ୍ମେଳନ କକ୍ଷ ଠାରେ ଅନୁଷ୍ଠିତ ହେଉଥିଲା। ତେବେ କୁରୁମା ମେଡ ପାହାଚ ଚଢିପାରୁ ନଥିବାରୁ ଅଭିଯୋଗ ପ୍ରକୋଷ୍ଠକୁ ନଯାଇ ବ୍ଲକ କାର୍ଯ୍ୟାଳୟ ପରିସରରେ ବସି ରହିଥିଲେ। ତାଙ୍କ ପିତା ଅଭିମନ୍ୟୁ ବିଶ୍ୱାଳ ପୁଅର ଗୁହାରି କରିବାକୁ ଜିଲ୍ଲାପାଳଙ୍କ ନିକଟକୁ ଯାଇଥିଲେ। ହେଲେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ଗୁହାରି କଲା ବେଳେ ଭୋ ଭୋ ହୋଇ କାନ୍ଦିପକାଇଥିଲେ। ଜିଲ୍ଲାପାଳ ଶ୍ରୀ ଅଗ୍ରୱାଲଙ୍କ ସମେତ ଉପସ୍ଥିତ ଅଧିକାରୀମାନେ ଅଭିମନ୍ୟୁଙ୍କୁ ଶାନ୍ତନା ଦେଇଥିଲେ। ଆଉ ଜିଲ୍ଲାପାଳ ମଧ୍ୟ ଏ ନେଇ ବ୍ୟବସ୍ଥା କରାଯିବ ବୋଲି କହି ବିଭାଗୀୟ ଅଧିକାରୀଙ୍କ ନିକଟକୁ ଅଭିଯୋଗ ପତ୍ର ପଠାଇବା ସହ ଏହାର ସମାଧାନ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଅନୁଯାୟୀ ଅଭିମନ୍ୟୁ ବିଶ୍ୱାଳ ଅଗରଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ବାପୁଜୀପେଣ୍ଠ ଗ୍ରାମରେ ବସବାସ କରନ୍ତି । ତାଙ୍କ ପୁଅ କୁରୁମା ବିଶ୍ୱାଳ (୩୨) ବାଲୁତ କାଳରୁ ହିଁ ଲୋକମୋଟର ଅକ୍ଷମତା ବା ଗତିଶୀଳ ଅକ୍ଷମତାର ଶିକାର ରହିଛନ୍ତି । ତାଙ୍କ ଦୁଇ ଗୋଡ ବାହୁ ଏହି ଲୋକମୋଟର ଅକ୍ଷମତା ପ୍ରଭାବିତ କରିଛି । ଏନେଇ ସେ ପୂର୍ବ ସରକାରଙ୍କ ସମୟରେ ଆବେଦନ କରିଥିଲେ । ସେତେବେଳେ ୧୨୦୦ ଟଙ୍କା ଲେଖାଏଁ ଭିନ୍ନକ୍ଷମ ଭତ୍ତା ପାଉଥିଲେ । ଏବେ ମଧ୍ୟ ସେହି ସମାନ ଭତ୍ତା ପାଉଛନ୍ତି । ତେବେ ଡବଲଇଞ୍ଜିନ ସରକାର ୮୦ ପ୍ରତିଶ ଭିନ୍ନକ୍ଷମଙ୍କୁ ୩୫୦୦ ଟଙ୍କା ଲେଖାଏଁ ଦେବାପାଇଁ ଘୋଷଣା କରିଥିଲେ। ଆଉ ଲାଗୁବି କଲେ। ସରକାରଙ୍କ ନିୟମମୁତାବକ କୁରୁମା ବିଶ୍ୱାଳଙ୍କ ୮୦ ପ୍ରତିଶତ ସ୍ଥାୟୀ ଅକ୍ଷମତା ପ୍ରମାଣପତ୍ର ରହିଛି ଏବଂ ଭାରତ ସରକାରଙ୍କ ଦ୍ୱାରା ୧୨/୦୩/୨୦୨୪ ତାରିଖ ଏସ.ଓ. ୧୩୩୮ (ଇ) ଅନୁଯାୟୀ ଅଧିସୂଚିତ ଅକ୍ଷମତା ଥିବା ବ୍ୟକ୍ତିଙ୍କ ଅଧିକାର ଆଇନ, ୨୦୧୬ ଅଧୀନରେ ଅନ୍ତର୍ଭୁକ୍ତ ରହିଛନ୍ତି। ହେଲେ ଏଯାଏଁ ସେ ବର୍ଦ୍ଧିତ ବା ସରକାରଙ୍କ ଘୋଷଣା ମୁତାବକ ଭିନ୍ନକ୍ଷମ ଭତ୍ତା ପାଇନାହାନ୍ତି। ଏନେଇ କୁରୁମାଙ୍କ ପିତା ଅଭିମନ୍ୟୁ କହିଛନ୍ତି ଯେ ଆମ୍ଭେ ଅତ୍ୟନ୍ତ ଗରିବ ଶ୍ରେଣୀର ଅଟୁ। ଭିନ୍ନକ୍ଷମ ଭେଣ୍ଡା ପୁଅର ସେବା ସୁଶ୍ରା କରିବା ପାଇଁ ଜଣେ ନିୟୋଜିତ ରହୁଥିବା ଯୋଗୁଁ କୌଣସି କାମ ମଧ୍ୟ କରିପାରୁନାହୁଁ। ଯଦି ସରକାରଙ୍କ ଘୋଷଣା ଅନୁଯାୟୀ ୩୫୦୦ ବର୍ଦ୍ଧିତ ଭତ୍ତା ମିଳିଲେ କିଛିଟା ଉପକୃତ ହୋଇପାରିବୁ ବୋଲି ଜଣାଇଛନ୍ତି। ତେବେ ବର୍ଦ୍ଧିତ ଭିନ୍ନକ୍ଷମ ଭତ୍ତା ପାଇଁ ଏକ ବର୍ଷରୁ ଉର୍ଦ୍ଧ ସମୟ ଧରି ପୁଅ କୁରୁମାଙ୍କୁ ଧରି ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରଶାସନ ଏବଂ ଜିଲ୍ଲାପ୍ରଶାସନର ଦ୍ୱାରସ୍ଥ ହେଉଥିଲେ ହେଁ କୌଣସି ସୁଫଳ ମିଳିନଥିବାର ପ୍ରକାଶ କରିଛନ୍ତି।

# ରାଇକିଆରେ କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଓ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ




ରାଇକିଆ,୨୨।୬(ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ହରି ଓମ୍ କଲ୍ୟାଣ ମଣ୍ଡପ ଠାରେ ସୋମବାର କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଓ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ଅବସରରେ ଜି ଉଦୟଗିରି ନିର୍ବାଚନ ମଣ୍ଡଳୀ ଭାଜପା ତରଫରୁ ବୁଦ୍ଧିଜିବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି। କନ୍ଧମାଳ ଏମପି ସୁକାନ୍ତ କୁମାର ପାଣିଗ୍ରାହୀ ଏବଂ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ଯୋଗ ଦେଇ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ସଫଳତା ଏବଂ ଲକ୍ଷ୍ୟ ବିଷୟରେ ପ୍ରକାଶ କରିଥିଲେ। ଏହି ଅବସରରେ ରାଇକିଆ ବ୍ଲକ୍ ବୁଦ୍ଧିଜୀବୀମାନଙ୍କ ତରଫରୁ ଅଞ୍ଚଳର ବିଭିନ୍ନ ଆବଶ୍ୟକ ଓ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବା ସହ ଏହାର ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ନେବା ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ । ବିଶେଷ କରି ଦୀର୍ଘ ଦିନ ହେଲା ଜେଏମ୍‌ଏଫ୍‌ସି କୋର୍ଟ କାର୍ଯ୍ୟକ୍ଷମକୁ ନେଇ ଦାବି, ସମସ୍ତ ମାନଦଣ୍ଡ ସତ୍ତ୍ୱେ ଏନ୍‌ଏସି ଘୋଷଣା ନ ହେବା, ପାନୀୟ ଜଳ ସମସ୍ୟା, ମେଡିକାଲ ରେ ସ୍ୱ?ଶଲିଷ୍ଟ ଡାକ୍ତର ଙ୍କ ଅଭାବ ଭଳି ସମସ୍ୟା କୁ ନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ରେ କନ୍ଧମାଳ ଜିଲ୍ଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ମାନ ଗୋବିନ୍ଦ ପ୍ରଧାନ, ବ୍ଲକ୍ ଅଧ୍ୟକ୍ଷା ରୀନା ପ୍ରଧାନ, ରାଇକିଆ ନାଗରିକ ମଞ୍ଚ ସଭାପତି ଦୁର୍ଯ୍ୟୋଧନ ଲେଙ୍କା ପ୍ରମୂଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଅଜିତ୍ ପଟ୍ଟନାୟକ ,ଜିଲ୍ଲା ଭାଜପା ସଂପାଦକ ସୁକାନ୍ତ ସାହୁ, ଓବିଶୀ ମୋର୍ଚ୍ଚା ସଭାପତି ସନ୍ତୋଷ ଲେଙ୍କା ପରିଚାଳନା କରିଥିଲେ।

